ଧରିତ୍ରୀ
DHARITRI
ବୁଧବାର, ୨୮ ଜୁଲାଇ, ୨୦୨୧

**୧୦ ଲକ୍ଷର ବ୍ରାଉନସୁଗାର ଜବତ**

ବସ୍ତା,(ଡି.ଏନ.ଏ.)-ବାଲେଶ୍ୱର ଜିଲା ବସ୍ତା ପୋଲିସ ମଙ୍ଗଳବାର ୧୦ ଗ୍ରାମ ବ୍ରାଉନସୁଗାର ଜବତ ସହ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଯୁବକ ହେଲେ ହସିମ୍ ରେଜା କାଦ୍ରି। ସୂଚନା ଅନୁଯାୟୀ, ବସ୍ତା ଦମକଳ କେନ୍ଦ୍ର ନିକଟରେ ବିକ୍ରି ପାଇଁ ମସୁଧା ସମୟରେ ପୋଲିସ ଚଢ଼ାଉ କରିଥିଲା। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୧୦ ଲକ୍ଷ ଟଙ୍କା ହେବ। ପୋଲିସ ଅଭିଯୁକ୍ତ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁ କରି କୋର୍ଟ ଚାଲାଣ କରିଛି।

# କ୍ଷତି ସହୁଛନ୍ତି ମାଛଚାଷୀ

ବାରିପଦା ଅଫିସ,୨୭।୭

ମହାମାରୀ କରୋନା ସଂକ୍ରମଣ ସମୟରେ ମୟୂରଭଞ୍ଜ ଜିଲାରେ ମଧୁରଜଳ ମାଛଚାଷ ଜୀବନ ଜୀବିକାରେ ସହାୟକ ହୋଇଛି। ତାଲିମପ୍ରାପ୍ତ ଚାଷୀମାନେ ସ୍ୱଳ୍ପ ପୁଞ୍ଜି ବିନିଯୋଗରେ ମାଛଚାଷ କରି ବିକଳ୍ପ ରୋଜଗାର ଆପଣାଇ ପାରିଛନ୍ତି । ଆବଶ୍ୟକତା ଭିତ୍ତିରେ ମାଛ ଉତ୍ପାଦନ ହେଉଥିବା ବେଳେ ବିକ୍ରି ପାଇଁ ସ୍ୱତନ୍ତ୍ର ବଜାର କିମ୍ବା ଶୀତଳଭଣ୍ଡାର ନ ଥିବାରୁ ଅଳ୍ପ ଦାମରେ ମାଛ ବିକି ଚାଷୀମାନେ ବିଶେଷ ଲାଭବାନ ହୋଇପାରୁ ନାହାନ୍ତି। ଫଳରେ ମାଛ ଚାଷ ପ୍ରତି ବିମୁଖ ହେଉଥିବା ପ୍ରକାଶ କରିଛନ୍ତି।

ସୂଚନା ଅନୁଯାୟୀ, ଜିଲାରେ ୧୩ହଜାର ୪୪ ମାଛଚାଷୀ ରହିଛନ୍ତି। ମାଛ ଚାଷ ପାଇଁ ୨୪ହଜାର ୩୦୪ଟି ଜଳାଶୟ ରହିଛି। ମୋଟ ୧୦ହଜାର ୬୭୪ ହେକ୍ଟର ଜମିରେ ବାର୍ଷିକ ୩୦ହଜାର ୩୨୧ମେଟ୍ରିକ ଟନ୍ ମାଛ ଉତ୍ପାଦନ ହେଉଛି। ସେହିଭଳି ୧୦୨ କୈବର୍ତ୍ତ (ମାଛଧରାଳୀ) ଗ୍ରାମରେ ୨୨୬୧ପରିବାର ଏହି ବୃତ୍ତି ଉପରେ ନିର୍ଭରଶୀଳ । ୧୭ହଜାର ୫୦୪ ଘରୋଇ ପୋଖରୀ, ୩୬୧ ଏମ୍‌ଜିଏନ୍‌ଆର୍‌ଇଜିଏସ ଜଳାଶୟ, ୩୪୭ କିଚେନପଣ୍ଡ, ୫ହଜାର ୭୪୩ ପଞ୍ଚାୟତ ପୋଖରୀ, ୨୭୬ଟି ଅନ୍ୟାନ୍ୟ ଜଳାଶୟ, ୬୧ଟି ଏମ୍‌ଆଇପିଏସ୍ ଜଳଉସ୍ ଓ ଜମ୍ବୀରା, ଖଡ଼ଖାଇ, ନେସା, ନେଦାମ, ବାଙ୍କବଳ, ସୁନେଇ, କାଳ, ପାଉଁଶିଆ, ହଳଦିଆ, ବଡ଼ଯୋଡ଼ ଓ ଦେଓ ଭଳି ୧୨ଟି ଜଳାଶୟରେ ମଧୁର ମାଛଚାଷ କରାଯାଉଛି। ମାଛ ବିକ୍ରି ପାଇଁ ସ୍ୱତନ୍ତ୍ର ବଜାର କିମ୍ବା ଶୀତଳ ଭଣ୍ଡାର ନ ଥିବାରୁ ବାଧ ହୋଇ କମ୍ ଦାମରେ ବିକ୍ରି କରୁଛନ୍ତି ବୋଲି ହରିପୁର ଗ୍ରାମର ଚାଷୀ ଚିତ୍ତ ରଞ୍ଜନ କାଣ୍ଡ, ଦେବେନ୍ଦ୍ର କାଣ୍ଡ ଓ ବିଶ୍ୱମ୍ଭର ପଣ୍ଡିତ ପ୍ରକାଶ କରିଛନ୍ତି। ସେହିପରି ଜିଲାର ବାରିପଦାଠାରେ ଗୋଟିଏ ମାତ୍ର ଶିମିଳିପାଳ ଆକ୍ୱା ଫ୍ରେସ ବିକ୍ରୟ କେନ୍ଦ୍ର ରହିଥିବା ବେଳେ ରାଇରଙ୍ଗପୁର, ଯଶିପୁର, ଶୁକ୍ରୁଳି, ରରୁଆଁ ଆଦି ଅଞ୍ଚଳର ଚାଷୀମାନେ ଏଠାକୁ ଆଣି ମାଛ ବିକ୍ରି କରିବା ସମ୍ଭବ ହୋଇପାରୁ ନାହିଁ । ଓମ୍ଫାଡ୍ସ ଯୋଜନାରେ ପୂର୍ବରୁ ଜିଲାର ଯଶିପୁର, କୁସୁମୀ ଓ ରାଇରଙ୍ଗପୁର ବ୍ଲକରେ ବାୟୋଫ୍ଲକ ଓ ପୋଖରୀ ମାଛଚାଷ ପାଇଁ ପୂର୍ଣ୍ଣ ରିହାତି ଯୋଜନା କାର୍ଯ୍ୟକାରୀ ହୋଇଥିବା ବେଳେ ଚଳିତବର୍ଷ ଆଉ ୨୩ଟି ବ୍ଲକରେ ଏହି ଯୋଜନା କାର୍ଯ୍ୟକାରୀ ହୋଇଛି। ଜିଲାବାସୀଙ୍କୁ ବାୟୋଫ୍ଲକ ଓ ପୋଖରୀ ମାଛଚାଷ ପ୍ରକଳ୍ପ ପାଇଁ ସମ୍ପୂର୍ଣ୍ଣ ରିହାତି ଯୋଜନାରେ ୨ଲକ୍ଷ ଟଙ୍କା ପର୍ଯ୍ୟନ୍ତ ସହାୟତା ଯୋଗାଇ ଦିଆଯାଉଛି। ଏଥି ସହିତ ମୋ ପୋଖରୀ ଯୋଜନା ଓ ପ୍ରଧାନମନ୍ତ୍ରୀ ମତ୍ସ୍ୟ ସମ୍ପଦ ଯୋଜନାରେ ଚାଷୀଙ୍କୁ ସାମିଲ କରାଯାଉଛି। ସେହିପରି ମହିଳା ସ୍ୱୟଂସହାୟିକା ଗୋଷ୍ଠୀଙ୍କୁ ୬୦ପ୍ରତିଶତ ରିହାତିରେ ମାଛଚାଷ ସହାୟତା ଦିଆଯାଉଛି । ମାଛ ଉତ୍ପାଦନକୁ ଲକ୍ଷ୍ୟ କରି ସରକାର ବିକ୍ରି ବ୍ୟବସ୍ଥା କରିପାରିଲେ ବହୁ ଚାଷୀ ଅଧିକ ଲାଭବାନ ହୋଇପାରନ୍ତେ । ଏ ସମ୍ପର୍କରେ ଜିଲା ମତ୍ସ୍ୟ ଅଧିକାରୀଙ୍କ ଦାୟିତ୍ୱରେ ଥିବା ଏଡିଏଫ୍‌ଓ ପ୍ରଦୀପ୍ତ କିଶୋର ଭୂୟାଁ କୁହନ୍ତି, ବଜାର ବ୍ୟବସ୍ଥା ପାଇଁ ଉପରିସ୍ଥ ଅଧିକାରୀଙ୍କୁ ଅବଗତ କରାଯାଇଛି । ସରକାରୀ ନିର୍ଦ୍ଦେଶ ଆସିଲେ ତୁରନ୍ତ ବିକ୍ରି ବ୍ୟବସ୍ଥା କରାଯିବ। ତେବେ ଜିଲାର ଉଦଳା, ଯଶିପୁର, ରାଇରଙ୍ଗପୁର ଓ ବେତନଟୀଠାରେ ସ୍ୱତନ୍ତ୍ର ବଜାର ସୃଷ୍ଟି କରିବାକୁ ପ୍ରତାପପୁର ଗ୍ରାମର ପୁଲିନ କୁମାର ବେହେରା, ବୈଦ୍ୟପୁର ଗ୍ରାମର ବିପ୍ଳବ ଭୂୟାଁ, ପାର୍ଥସାରଥି ପଣ୍ଡା ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

**ବଜାର ବ୍ୟବସ୍ଥା ନାହିଁ**



ଜିଲା ମତ୍ସ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ।

## ସଂକ୍ଷେପରେ

### ସୁବର୍ଣ୍ଣରେଖାରେ ନାବାଳକ ନିଖୋଜ ଘଟଣା : ମିଳିଲା ମୃତଦେହ

**ଭୋଗରାଇ,୨୭।୭(ଡି.ଏନ.ଏ.):** ବାଲେଶ୍ୱର ଜିଲାରେ ପ୍ରବାହିତ ସୁବର୍ଣ୍ଣରେଖାରେ ସୋମବାର ବୁଡ଼ିଯାଇ ନିଖୋଜ ଥିବା ନାବାଳକଙ୍କ ମୃତଦେହ ମଙ୍ଗଳବାର ପୂର୍ବାହ୍ନରେ ଭୋଗରାଇ ବ୍ଲକ ମନ୍ନୁନଗର-ଆରୁହାବୃତ୍ତିସ୍ଥିତ ନଦୀକୂଳରୁ ମିଳିଛି। ଖବରପାଇ କମର୍ଦ୍ଦା ପୋଲିସ ପହଞ୍ଚି ମୃତଦେହ ଜବତ କରି ଜଲେଶ୍ୱରପୁର ଡାକ୍ତରଖାନାରେ ବ୍ୟବଚ୍ଛେଦ ପରେ ପରିବାରଲୋକଙ୍କୁ ହସ୍ତାନ୍ତର କରିଛି। ଏନେଇ ଏକ ଅପମୃତ୍ୟୁ ମାମଲା (ନଂ. ୧୦/୨୧) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ଗତ ସୋମବାର ଶ୍ରାବଣ ମାସ ପ୍ରଥମ ସୋମବାରରେ ବାଲିଆପାଳ ବ୍ଲକର ଧର୍ମଦ୍ୱାର ଗାଁର ପୂର୍ଣ୍ଣଚନ୍ଦ୍ର ରଣାଙ୍କ ବଡ଼ପୁଅ ଶୁଭମ୍ ଓ ତାଙ୍କ ସାଙ୍ଗମାନେ ମହାଦେବଙ୍କୁ ଜଳଲାଗି କରିବାକୁ ଘାଟକୁ ଜଳ ଆଣିବାକୁ ଯାଇଥିଲେ। ନଦୀର ଭଉଁରୀରେ ଶୁଭମ୍‌ଙ୍କ ଗୋଡ଼ ଖସିଯିବାରୁ ସେ ବୁଡ଼ିଯାଇ ନିଖୋଜ ଥିଲେ।

### ସାଳନ୍ଦୀରେ ଭାସି ଗଲେ ବୃଦ୍ଧ

**ଠାକୁରମୁଣ୍ଡା,୨୭।୭(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ମହୁଲଡ଼ିହା ଥାନା ଅନ୍ତର୍ଗତ ଚମ୍ପାଝର ପଞ୍ଚାୟତ ଡଙ୍ଗାଡ଼ିହା ଗ୍ରାମର ଜଣେ ବୃଦ୍ଧ ସୋମବାର ସନ୍ଧ୍ୟାରେ ସାଳନ୍ଦୀ ନଦୀରେ ଭାସିଯାଇ ପ୍ରାଣ ହରାଇଛନ୍ତି। ମୃତକ ହେଲେ ଗଜିଲା ବନାରା ନିକଟସ୍ଥ ସାପ୍ତାହିକ ହାଟକୁ ଯାଇ ସାଳନ୍ଦୀ ନଦୀ ପାରି ହୋଇ ଘରକୁ ଫେରୁଥିବା ବେଳେ ସେ ଭାସି ଯାଇଥିଲେ। ପରିବାର ଲୋକେ ଖୋଜାଖୋଜି କରିଥିଲେ ମଧ ତାଙ୍କୁ ପାଇ ନ ଥିଲେ। ମଙ୍ଗଳବାର ପୂର୍ବାହ୍ନ ୧୦ଟାରେ ଗଜିଲାଙ୍କ ମୃତଦେହ ନଦୀରେ ଭାସୁଥିବା ଦେଖିବାକୁ ମିଳିଥିଲା। ଏ ନେଇ ମୃତକଙ୍କ ପୁଅ ବଳରାମ ମହୁଲଡ଼ିହା ଥାନାରେ ଜଣାଇବା ପରେ ପୋଲିସ ପହଞ୍ଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଘଷିପୁରା ପଠାଇଛି।

### ମାରଣାସ୍ତ୍ର ଦେଖାଇ ଲୁଟ୍

**ରୂପ୍‌ସା,୨୭।୭(ଡି.ଏନ.ଏ.):** ବାଲେଶ୍ୱର ଜିଲା ୬୦ ନଂ. ଜାତୀୟ ରାଜପଥରେ ସୋମବାର ରାତିରେ ରୂପ୍‌ସା ଥାନା ଅଞ୍ଚଳର ସୁନୀଲ ରାଉତ ନାମକ ଯୁବକଙ୍କଠାରୁ ବନ୍ଧୁକ ଦେଖାଇ ମୋବାଇଲ ଲୁଟି ନେଇଛନ୍ତି ଦୁର୍ବୃତ୍ତ। ମଙ୍ଗଳବାର ଅଭିଯୋଗ ପରେ ବସ୍ତା ଥାନା ପୋଲିସ ଅନୁସନ୍ଧାନ ଚଳାଇଛି। ସୁନୀଲ ବାଲେଶ୍ୱର ରେଳୱେ ମେଲ୍ ସର୍ଭିସ୍ ଡ୍ୟୁଟି ସାରି ବାଇକ୍‌ରେ ଘରକୁ ଫେରୁଥିଲେ। ବସ୍ତା ଥାନା ହଳଦୀପଦା ବାଇପାସ୍‌ଠାରେ ଏକ ବାଇକ୍‌ରେ ୩ ଦୁର୍ବୃତ୍ତ ଆସି ତାଙ୍କୁ ଅଟକାଇଥିଲେ। ବନ୍ଧୁକ, ଛୁରୀ ଓ କଟୁରୀ ଦେଖାଇ ତାଙ୍କ ମନିପର୍ସ ସର୍ଚ୍ଚ କରିବା ସହ ମୋବାଇଲ ଲୁଟ୍ କରି ଚମ୍ପଟ ମାରିଥିଲେ।

### ଟ୍ରକ୍ ଚାଳକଙ୍କ ଅସ୍ୱାଭାବିକ ମୃତ୍ୟୁ

**ପାଟଣା,୨୭।୭(ସ୍ୱ.ପ୍ର.):** କେନ୍ଦୁଝର ଜିଲା ପାଟଣା ବ୍ଲକ ୪୯ ନମ୍ବର ଜାତୀୟ ରାଜପଥରେ ସୋମବାର ସକାଳୁ ଜଣେ ଟ୍ରକ୍ ଚାଳକ ଗୁରୁତର ହୋଇଥିଲେ। ତାଙ୍କୁ ଆମ୍ବୁଲାନ୍ସରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚାଇ ଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ମୃତ ଟ୍ରକ୍ ଚାଳକ ହେଉଛନ୍ତି ବିହାର ରାଜ୍ୟ ଧାନବାଦ ଜିଲା ଗିଲାଣି ଗ୍ରାମର ଅଜିତ କୁମାର ରାମ। ଏନେଇ କେନ୍ଦୁଝର ଟାଉନ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

### ବୋଲେରୋ ଧକ୍କାରେ ଜଣେ ମୃତ

**ଝୁମ୍ପୁରା, ୨୭।୭ (ଡି.ଏନ.ଏ.):** କେନ୍ଦୁଝର ଜିଲା ଝୁମ୍ପୁରା ଥାନା ଅନ୍ତର୍ଗତ ପାଟବିଲା ଗାଁ ରାସ୍ତାରେ ମଙ୍ଗଳବାର ସନ୍ଧ୍ୟାରେ ଏକ ବୋଲେରୋ ଚଢ଼ି ଯିବାରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ କାର୍ତ୍ତିକ ନାଏକ। ତାଙ୍କ ଘର ପାଟବିଲା ଗ୍ରାମରେ। ପୋଲିସ ଏନେଇ ଏକ ମାମଲା (ନଂ.୮୩/୨୦୨୧) ରୁଜୁ କରି ମୃତଦେହ ଜବତ କରିଛି।

### ବକେୟା ହିସାବ ଦେଲା ବ୍ଲକ ପ୍ରଶାସନ

**ଭଣ୍ଡାରିପୋଖରୀ,୨୭।୭ (ଡି.ଏନ.ଏ)-** ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକର ବକେୟା ଟିଏମ୍‌ସି (ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ର) ପାଉଣା ହିସାବ ପ୍ରଶାସନ ପକ୍ଷରୁ ମଙ୍ଗଳବାର ଜିଲା ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ପ୍ରଦାନ କରାଯାଇଛି। କଂଗ୍ରେସ ଓ ଭାଜପା ସମର୍ଥିତ ସରପଞ୍ଚମାନେ ବକେୟା ଦାବିରେ ସୋମବାର ବ୍ଲକ ଅଫିସରେ ତାଲା ପକାଇ ଧାରଣା ଦେଇଥିଲେ। ଧାରଣା ବନ୍ଦ ପାଇଁ ପ୍ରଶାସନ ସହ ହୋଇଥିବା ଆଲୋଚନା ଅନୁଯାୟୀ ମଙ୍ଗଳବାର ବକେୟା ଅର୍ଥ ଚିଠା ପଠାଯାଇଥିଲା। ପରେ ବ୍ଲକ କାର୍ଯ୍ୟ ସ୍ୱାଭାବିକ ହୋଇଛି। ବ୍ଲକରେ ଯୋଗ ଦେଇଥିବା ନୂତନ ବିଡିଓ ଦେବଦତ୍ତ ଦାଶ ଏହି ଚିଠା ପ୍ରସ୍ତୁତ କରି ପଠାଇଛନ୍ତି। ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବିହିତ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଛନ୍ତି।

# ଗ୍ରାମ୍ୟ ରାସ୍ତାରେ ବେଆଇନ ପରିବହନ

କେନ୍ଦୁଝର, ୨୭।୭ (ସ୍ୱ.ପ୍ର.)

**ବଡ଼ବିଲ ଖଣି ଅଞ୍ଚଳରେ ପ୍ରଦୂଷଣ**

**■ରିପୋର୍ଟ ଦାଖଲ କରିବାକୁ ଜିଲାପାଳଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ**

କେନ୍ଦୁଝର ଜିଲା ବଡ଼ବିଲ, ସୋୟାବାଲି ଓ ଠାକୁରାଣୀ ଅଞ୍ଚଳରେ ବେଆଇନ ଭାବେ ଖଣିଜ ପଥର ପରିବହନ ଯୋଗୁ ସ୍ଥାନୀୟ ଅଞ୍ଚଳରେ ବାୟୁ ପ୍ରଦୂଷଣ ହେବା ସହ ଅଞ୍ଚଳବାସୀ ନାନା ରୋଗବ୍ୟାଧୀର ଶିକାର ହେଉଛନ୍ତି। ଗ୍ରାମାଞ୍ଚଳ ରାସ୍ତାରେ ବହୁ ସଂଖ୍ୟାରେ ଟ୍ରକ୍, ଟ୍ରେଲର ଆଦି ଭାରିଯାନ ଚଳାଚଳ କରୁଥିବାରୁ ଲୋକେ ବିଭିନ୍ନ ଅସୁବିଧା ଭୋଗୁଛନ୍ତି। ସେହିପରି ସଂରକ୍ଷିତ ଜଙ୍ଗଲ ମଧ୍ୟରେ ଭାରିଯାନ ଚଳାଚଳ କରୁଥିବା ବେଳେ ଜୀବଜନ୍ତୁ ପ୍ରଭାବିତ ହେଉଛନ୍ତି। ଏନେଇ ପ୍ରଶାସନ ନିକଟରେ ବାରମ୍ବାର ଗୁହାରୀ କରାଯାଉଥିଲେ ହେଁ କୌଣସି ଆଶୁ ପଦକ୍ଷେପ ଗ୍ରହଣ କରାଯାଇନାହିଁ।

ସ୍ଥାନୀୟ ଏକ ସ୍ୱେଚ୍ଛାସେବୀ ସଂଗଠନ ଓ କ୍ଷତିଗ୍ରସ୍ତ ଅଞ୍ଚଳବାସୀଙ୍କ ପକ୍ଷରୁ ଏ ସଂକ୍ରାନ୍ତରେ ହାଇକୋର୍ଟରେ ଏକ ରିଟ୍ ପିଟିସନ (ନଂ. ୮୧୮୨/ ୨୦୨୧) ଦାଖଲ କରାଯାଇଥିଲା। ଏହାକୁ ଗ୍ରହଣ କରି ହାଇକୋର୍ଟ କେନ୍ଦୁଝର ଜିଲାପାଳଙ୍କୁ ବିସ୍ତୃତ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏନେଇ କେନ୍ଦୁଝର ଜିଲାପାଳ ଏକ ଟିମ୍ ଗଠନ କରି ଏହାର ସମୀକ୍ଷା କରିବେ। ଉକ୍ତ କମିଟିରେ ଘଟଣାସ୍ଥଳକୁ ଯାଇ ଆବେଦନକାରୀ ଦର୍ଶାଇଥିବା ସମସ୍ୟାକୁ ବୁଲି ଦେଖିବା ସହ କିପରି ସମସ୍ୟା ସମାଧାନ ହେବ ସେ ନେଇ ପରବର୍ତ୍ତୀ ଶୁଣାଣି ସୁଦ୍ଧା ସବିଶେଷ ରିପୋର୍ଟ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଉକ୍ତ ଟିମ୍ ଯେଉଁ ଖଣିରୁ ଲୁହାପଥର ପରିବହନ ହେଉଛି ସେହି ସଂସ୍ଥାକୁ ମଧ ପଚାରିବାକୁ କୁହାଯାଇଛି। ପରବର୍ତ୍ତୀ ଶୁଣାଣି ସୁଦ୍ଧା ଯୁଗ୍ମ ରିପୋର୍ଟ ହାଇକୋର୍ଟରେ ଦାଖଲ କରିବାକୁ କୁହାଯାଇଛି । ଅଗଷ୍ଟ ୨୩କୁ ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି। ନେଟିଭ ଭଏସ ନାମକ ଏକ ସ୍ୱେଚ୍ଛାସେବୀ ସଂସ୍ଥା ଏହି ରିଟ୍ ପିଟିସନ କରିଥିବା ବେଳେ ହାଇକୋର୍ଟର ମୁଖ୍ୟ ବିଚାରପତି ଜଷ୍ଟିସ ଏସ. ମୂରଲୀଧର ଏବଂ ବିଚାରପତି ଜଷ୍ଟିସ ବି.ପି.ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ନିର୍ଦ୍ଦେଶ ଦେଇଛନ୍ତି ।

# ବିବାଦୀୟ ଅଞ୍ଚଳରେ ୨ଜିଲାର ଅଧିକାରୀ


ଉଭୟ ଜିଲାର ଅଧିକାରୀ ମାନେ ବିବାଦୀୟ ଅଞ୍ଚଳରେ ପହଞ୍ଚି ଜାଗା ଦେଖୁଛନ୍ତି।

ଖଇରା, ୨୭।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ଖଇରା ତହସିଲ ଓ ମୟୂରଭଞ୍ଜ ଜିଲା କପ୍ତିପଦା ତହସିଲ ଅଧୀନ ଶାରିଣ୍ଡୁଆ ପାହାଡର କିଛି ବିବାଦୀୟ ଅଞ୍ଚଳ ଉଭୟ ଜିଲାର ବୋଲି ଦାବି ହୋଇ ଆସୁଛି। ମଙ୍ଗଳବାର ଉଭୟ ଜିଲାର ଅଧିକାରୀ ମାନେ ଖଇରା ବ୍ଲକର ବାଉଁଶଗଡିଆ ପଞ୍ଚାୟତର ରମଦା ଗ୍ରାମ ନିକଟରେ ଉକ୍ତ ବିବାଦୀୟ ଜାଗା ପରିଦର୍ଶନ କରିବା ସହ ଅମିନଙ୍କ ଦ୍ୱାରା ନକ୍ସା ଦେଖି ଜମି ଚିହ୍ନଟ ପାଇଁ ଉଦ୍ୟମ କରିଛନ୍ତି। ବାଲେଶ୍ୱର ଡିଏଫଓ ବିମଳ ପ୍ରସନ୍ନ ଆଚାର୍ଯ୍ୟ, ଏସିଏଫ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ ଭବେଶ ଚନ୍ଦ୍ର ନାୟକ, ରେଞ୍ଜର ବବିତା ସୋରେନ, ଫରେଷ୍ଟର ସୌମ୍ୟରଞ୍ଜନ ମାଝୀ, ଖଇରା ତହସିଲଦାର ମହେନ୍ଦ୍ର ପ୍ରସାଦ ବେହେରା, ମୟୂରଭଞ୍ଜ ଡିଏଫଓ ସନ୍ତୋଷ ଯୋଶୀ, ମୟୂରଭଞ୍ଜ ଏସିଏଫ ଦିଲିପ ବାରିକ, ଅତିରିକ୍ତ ଜିଲାପାଳ ପ୍ରକାଶ ଚନ୍ଦ୍ର ବେହେରା,କପ୍ତିପଦା ତହସିଲଦାର ପ୍ରମୁଖଙ୍କ ଉପସ୍ଥିତିରେ ବିବାଦୀୟ ଜମିର ଚିହ୍ନଟ ପ୍ରକ୍ରିୟା ଆରମ୍ଭ ହୋଇଛି। ଏ ସମ୍ପର୍କରେ ଖଇରା ତହସିଲଦାରଙ୍କୁ ଯୋଗାଯୋଗ କରିବାରେ ମଙ୍ଗଳବାର କେବଳ ନକ୍ସା ଦେଖି ଜମି ଚିହ୍ନଟ ଲାଗି ଉଦ୍ୟମ କରାଯାଇଥିଲା। ହେଲେ ଏହା ଚୂଡାନ୍ତ ହୋଇ ପାରିନାହିଁ। ପୁନଶ୍ଚ ପରବର୍ତ୍ତୀ ସମୟରେ ମାପ କରାଯାଇ ଚିହ୍ନଟ କରାଯିବାକୁ ଉଭୟ ଜିଲାର ଅଧିକାରୀଙ୍କ ତରଫରୁ ନିଷ୍ପତ୍ତି ନିଆଯାଇଛି।

# ରହିତାଦେଶ ଲାଗି ଆବେଦନ ଖାରଜ

ଜଳେଶ୍ୱର,୨୭।୭(ଡି.ଏନ୍.ଏ.)

ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକ ଅଧୀନ ନୂତନ କୋଟସାହି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କାମ ବନ୍ଦ କରିବାକୁ ଜଳେଶ୍ୱର କୋର୍ଟରେ ଆବେଦନ ହୋଇଥିଲା । ଜଳେଶ୍ୱରସ୍ଥିତ ସିଭିଲଜଜ୍ ସିନିୟର (ସବ୍‌ଜଜ୍)ଙ୍କ ଅଦାଲତରେ ମଙ୍ଗଳବାର ଏହାର ଶୁଣାଣି ପରେ ଆବେଦନ ଖାରଜ ହୋଇଛି । କୋଟସାହି ମୌଜାର ଖାତା ନଂ. ୬୪୦ ଓ ଖସଡ଼ା ନଂ. ୨୨୩ ରକବା ୧୦ ଡିସିମିଲରେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ଚାଲିଥିବା ବେଳେ ସେହି ଗାଁର ଝାଡ଼େଶ୍ୱର ଦଳାଇ ଓ ତାଙ୍କ ଭଉଣୀ ଜୟନ୍ତୀ ମାଝି ଦୀର୍ଘ ୬୫ ବର୍ଷ ଧରି ଉକ୍ତ ସ୍ଥାନଟି ତାଙ୍କ ଦଖଲରେ ଥିବା ଦର୍ଶାଇ ରହିତାଦେଶ ଲାଗି ଆବେଦନ କରିଥିଲେ। ମାମଲା (ନଂ.୧୦୧/୨୧) ଅନୁଯାୟୀ ବାଲେଶ୍ୱର ଜିଲାପାଳ, ଜଳେଶ୍ୱର ତହସିଲଦାର, ବିଡିଓ, ସରପଞ୍ଚ ଓ କାର୍ଯ୍ୟ କରୁଥିବା କନିଷ୍ଠ ଯନ୍ତ୍ରୀଙ୍କ ବିରୋଧରେ ଏହି ମାମଲା ରୁଜୁ ହୋଇଥିଲା। ଏନେଇ ଉକ୍ତ ପଞ୍ଚାୟତର ସରପଞ୍ଚ ଓଡ଼ିଶା ହାଇକୋର୍ଟରେ ଅନ୍ୟ ଏକ ଆବେଦନ କରିଥିଲେ। ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଜଳେଶ୍ୱର ସବ୍‌ଜଜ୍ ଏହି ମାମଲାର ଶୁଣାଣି କରିଥିଲେ।

**କୋଟସାହି ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ**

# ମନ୍ଦିର ଖୋଲିବାକୁ ସେବାୟତଙ୍କ ଦାବି

ବାରିପଦା ଅଫିସ,୨୭।୭

ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଶ୍ରୀଶ୍ରୀ ହରିବଳଦେବଜୀଉ ବିଜେଙ୍କ ମନ୍ଦିର ଖୋଲିବା ପାଇଁ ସେବାୟତଙ୍କ ପକ୍ଷରୁ ଦାବି ହୋଇଛି। କୋଭିଡ୍ କଟକଣା ମଧ୍ୟରେ ମନ୍ଦିର ଖୋଲିବା ଓ ସେବାୟତଙ୍କୁ କରୋନା ଜନିତ ସରକାରୀ ସହାୟତା ପ୍ରଦାନ କରିବା ପାଇଁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳ ବିନୀତ ଭରଦ୍ୱାଜଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମୟୂରଭଞ୍ଜ ଜିଲାରେ କରୋନା ସଂକ୍ରମଣ ଦିନକୁ ଦିନ ହ୍ରାସ ପାଉଥିବା ବେଳେ ଦୋକାନ ବଜାର ସ୍ୱାଭାବିକ ଭାବେ ଖୋଲାଯାଇଛି । ଦୀର୍ଘ ବର୍ଷ ଧରି ସେବାୟତମାନେ ଠାକୁରଙ୍କ ସେବାପୂଜା କରି ଆସୁଥିବା ବେଳେ ଦାନଦକ୍ଷିଣାରେ ପରିବାର ପ୍ରତିପୋଷଣ କରୁଥିଲେ । କରୋନା ମହାମାରୀ ପାଇଁ ଦେଢ଼ ବର୍ଷ ଧରି ମନ୍ଦିର ବନ୍ଦ ପଡ଼ିଥିବାରୁ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହାକୁ ଦୃଷ୍ଟିରେ ରଖି ସରକାରୀ ସହାୟତା ଓ ମନ୍ଦିର ଖୋଲିବାକୁ ଅନୁମତି ପ୍ରଦାନ ପାଇଁ ଜିଲାପାଳଙ୍କ ଜରିଆରେ ନିବେଦନ କରିଛନ୍ତି ।

# ରାସ୍ତା ସମତୁଲ ପାଇଁ ଅଣ୍ଟା ଭିଡ଼ିଲେ ପିଲା


ପିଲାମାନେ ରାସ୍ତାରେ ଗୋଡ଼ି ପକାଉଛନ୍ତି।

ଭଦ୍ରକ ଅଫିସ, ୨୭।୭

ପିଲାମାନଙ୍କ ରାସ୍ତା ସମତୁଲ ଚିନ୍ତା । ରାସ୍ତା କଡ଼ରେ ପଡ଼ିଥିବା ମେଟାଲକୁ ଖାଲରେ ପକାଇ ସମତୁଲ କରିବା ପାଇଁ କିଏ ଅଖାରେ ବୋହି ନେଇଯାଉଛନ୍ତି ତ ଆଉ କିଏ ସାଇକେଲରେ ନେଇ ରାସ୍ତାରେ ଥିବା ଖାଲରେ ଢାଳି ସମାନ କରୁଛନ୍ତି। ଭଦ୍ରକ ବ୍ଲକ ଗେଲଟୁଆ ଅଞ୍ଚଳରେ ଏଭଳି ଦେଖିବାକୁ ମିଳିଛି। ପ୍ରକାଶ ଯେ, ଏହି ପଞ୍ଚାୟତ ଆଦିବାସୀ କଲୋନୀଠାରୁ ବଗମରା ଗାଁକୁ ସଂଯୋଗ କରୁଥିବା ରାସ୍ତା ବର୍ଷାଦିନେ ଶୋଚନୀୟ ହୋଇପଡୁଛି। ଅନେକାଂଶରେ ଏହି ରାସ୍ତା କାମ ଚାଲିଥିବା ବେଳେ କିଛି ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ଯୋଗୁ ଲୋକେ ଯିବାଆସିବାରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଉକ୍ତ ରାସ୍ତାରେ ଲୋକେ ହଇରାଣ ହୋଇ ଯାତାୟାତ କରୁଥିବାରୁ ଦୃଶ୍ୟ ଏହି କୁନି କୁନି ପିଲାମାନଙ୍କ ନଜରରେ ପଡ଼ିଥିଲା। ସେମାନେ ଏକାଠି ହୋଇ ଉକ୍ତ ରାସ୍ତା ସମତୁଲ କରିବା ପାଇଁ ଅଣ୍ଟା ଭିଡ଼ିଥିଲେ। ପିଲାମାନଙ୍କର ଏଭଳି କାର୍ଯ୍ୟକୁ ଲୋକେ ପ୍ରଶଂସା କରିଛନ୍ତି।

# ଏମ୍‌ବିକେ ନିଯୁକ୍ତିରେ ଅନିୟମିତତା ନେଇ ଜିଲାପାଳଙ୍କ ଦ୍ୱାରସ୍ଥ

ବାଲେଶ୍ୱର ଅଫିସ,୨୭।୭

ବାଲେଶ୍ୱର ଜିଲା ରେମୁଣା ବ୍ଲକ ବରୁଣସିଂ ପଞ୍ଚାୟତରେ ମାଷ୍ଟର ବୁକ୍ କିପର (ଏମ୍‌ବିକେ) ନିଯୁକ୍ତିରେ ଅନିୟମିତତା ଅଭିଯୋଗ ନେଇ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମିଶନ ଶକ୍ତି ଅଧୀନରେ ଥିବା ଓଡ଼ିଶା ଲାଇବିଲ ହୁଡ୍ ମିଶନ (ଓଏଲ୍‌ଏମ୍) ଅଧୀନ ସ୍ୱୟଂସହାୟକ ଗୋଷ୍ଠୀକୁ ତଦାରଖ କରିବା ପାଇଁ ପ୍ରତ୍ୟେକ ପଞ୍ଚାୟତରେ ଏମ୍‌ବିକେ ନିଯୁକ୍ତି କରାଯାଉଛି। ଏଥିପାଇଁ ପ୍ରାର୍ଥୀ ଜଣଙ୍କ ଗୋଷ୍ଠୀର ସଦସ୍ୟ ହେବା ସହ ତାଙ୍କ ସଂଘକୁ ଓଏଲ୍‌ଏମ୍ ଅଧୀନରେ ଥିବା ମହାସଂଘରେ ସାମିଲ୍ ହୋଇଥିବାର ଆବଶ୍ୟକତା ରହିଛି। କିନ୍ତୁ କେତେକ ଜାଗାରେ ଏହାର ବ୍ୟତିକ୍ରମ ଦେଖିବାକୁ ମିଳୁଛି। ନିୟମ ଉଲ୍ଲଂଘନ କରି ନିଯୁକ୍ତି ଦିଆଯାଉଥିବା ବରୁଣସିଂ ପଞ୍ଚାୟତ ମହାସଂଘର ସଦସ୍ୟା ମମତା ଦାସ, ମଞ୍ଜୁଲତା ମହାନ୍ତି, ବାସନ୍ତୀ ଶତପଥୀ, ମମତା ଦ୍ୱିବେଦୀ, ତାରାମଣି ପ୍ରଧାନ ପ୍ରମୁଖ ଅଭିଯୋଗ କରିଛନ୍ତି। ଜିଲାପାଳଙ୍କ ସମେତ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ରବୀନ୍ଦ୍ର କୁମାର ସାହୁ, ଉପଜିଲାପାଳ ଆଶିଷ ଈଶ୍ୱର ପାଟିଲ ପ୍ରମୁଖଙ୍କୁ ସେମାନେ ଏ ସମ୍ପର୍କରେ ଜଣାଇଛନ୍ତି। ଏ ସମ୍ପର୍କରେ ଜିଲା ପ୍ରୋଜେକ୍ଟ ମ୍ୟାନେଜର ଜିତେନ୍ଦ୍ର ବିଶ୍ୱାଳ କହନ୍ତି, ଏଭଳି ଅଭିଯୋଗ ତାଙ୍କ ପାଖରେ ପହଞ୍ଚି ନାହିଁ। ତେବେ ଏଭଳି ଅନିୟମିତତା ହୋଇଥିଲେ ତଦନ୍ତ କରାଯାଇ ପୁନଃ ଚୟନ ପ୍ରକ୍ରିୟା କରାଯିବ। ଏଥିରେ ସାମିଲ ଥିବା ଅଧିକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି।

# ଖବରଦାତାଙ୍କ ପରଲୋକ

ଆରଡ଼ି,୨୭।୭(ଡି.ଏନ.ଏ.)

ଭଦ୍ରକ ଜିଲା ଧୂଷୁରୀ ଅଞ୍ଚଳର ଖବରଦାତା ପ୍ରତାପ ଚନ୍ଦ୍ର ବାରିକ(୫୦)ଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ଘଟିଛି। ଉତ୍କଳ ଖବରଦାତା ସଂଘ ସଭାପତି ରବି ନାରାୟଣ ଖିଲାର, ସନ୍ତୋଷ ଦାସ, ମୁକ୍ତିକାନ୍ତ ନାୟକ ପ୍ରମୁଖ ଶେଷ ଦର୍ଶନ କରିଥିଲେ। ବିରୋଧୀ ଦଳ ଉପନେତା ବିଷ୍ଣୁ ସେଠୀ, ପୂର୍ବତନ ମନ୍ତ୍ରୀ ମନମୋହନ ସାମଲ, ସ୍ଥାନୀୟ ସରପଞ୍ଚଙ୍କ ପ୍ରତିନିଧି ପଣ୍ଡିତ ପଞ୍ଚାନନ ମିଶ୍ର, ପୂର୍ବତନ ସରପଞ୍ଚ ସୁଶାନ୍ତ ନାୟକ, ସାମାଜିକ କର୍ମୀ ରଞ୍ଜନ ମହାନ୍ତି, ବଣିକ ସଂଘ କୋଷାଧ୍ୟକ୍ଷ କାଶୀନାଥ ମହାନ୍ତି, ସହ କୋଷାଧ୍ୟକ୍ଷ ମୃତ୍ୟୁଞ୍ଜୟ ସାହୁ ପ୍ରମୁଖ ଶୋକବ୍ୟକ୍ତ କରିଛନ୍ତି।

# ଲୁଣାବନ୍ଧ ଉଦ୍‌ଘାଟନ କଲେ ବିଧାୟକ

ଲଙ୍ଗଳେଶ୍ୱର,୨୭।୭(ଡି.ଏନ.ଏ.)

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ଅନ୍ତର୍ଗତ ସାଉଡ଼ି ପଞ୍ଚାୟତ ଗୋବିନ୍ଦପୁର ଗ୍ରାମର କରଞ୍ଜିଆ ନାଳ ପାର୍ଶ୍ୱରେ ଲୁଣାବନ୍ଧ ବିଧାୟକ ନିତ୍ୟାନନ୍ଦ ସାହୁଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଛି। ଜଳ ବିଭାଜିକା ନିର୍ମିତ ଦୀର୍ଘ ୨କିମି ଲମ୍ବ ଏହି ବନ୍ଧ ୨୯ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଛି। ଏହାଦ୍ୱାରା ସାଉଡ଼ି ବଳଙ୍ଗ ପଞ୍ଚାୟତର ଶହ ଶହ ଏକର ଚାଷଜମି ଲୁଣାପାଣି ପ୍ଲାବିତରୁ ମୁକ୍ତ ହୋଇ ଚାଷ ହେବା ଦ୍ୱାରା ବହୁ ଚାଷୀ ଉପକୃତ ହେବେ। ୨୨ ନଂ. ଜୋନ୍‌ର ଜିଲାପରିଷଦ ସଦସ୍ୟା ଅନୁପମା ସାହୁ, ସରପଞ୍ଚ ରଞ୍ଜିତା ଟୁଙ୍ଗ, ସମିତିସଦସ୍ୟା ତପୋଇ ମାନ୍ନା, ଦଳୀୟ ନେତା ବିମଳ କୁମାର ସାହୁ, ବିରେନ ମଣ୍ଡଳ, ମହେଶ୍ୱର ଟୁଙ୍ଗ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ବିଭାଗୀୟ ଅଧିକାରୀ ରଶ୍ମିରଞ୍ଜନ ପାତ୍ର ମଧ ଉପସ୍ଥିତ ଥିଲେ।


ଉଦ୍‌ଘାଟନ ଉତ୍ସବରେ ବିଧାୟକ ନିତ୍ୟାନନ୍ଦ ସାହୁ ଓ ଅନ୍ୟମାନେ।

# ବିନା ଆଇଆଇସିରେ ଚାଲିଛି ଥାନା

ବାଲେଶ୍ୱର ଅଫିସ,୨୭।୭

ବାଲେଶ୍ୱର ଜିଲାର ସହଦେବଖୁଣ୍ଟା ମଡ଼େଲ ଥାନା, ଟାଉନ୍ ଥାନା, ରେମୁଣା ଥାନା, କମର୍ଦ୍ଦା ଥାନାରେ ଆଇଆଇସି ପଦବୀ ଫାଙ୍କା ପଡ଼ିଛି। ସବ୍‌ଇନ୍ସପେକ୍ଟରଙ୍କୁ ଦାୟିତ୍ୱ ହସ୍ତାନ୍ତର କରି ଦୀର୍ଘଦିନ ଧରି ଥାନା ପରିଚାଳନା ହେଉଛି। ଫଳରେ ଲୋକେ ପୋଲିସ ପ୍ରଶାସନଠାରୁ ଉଚିତ୍ ନ୍ୟାୟ ପାଇପାରୁ ନ ଥିବା ଏବଂ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହେଉଥିବା ଅଭିଯୋଗ ହୋଇଛି। ଏନେଇ ଜନନୀ ପରିବାରର ସଭାପତି ଜ୍ୟୋସ୍ନା ମହାନ୍ତି ମଙ୍ଗଳବାର ଜିଲା ଆରକ୍ଷୀ ଅଧୀକ୍ଷକ ସୁଧାଂଶୁ ଶେଖର ମିଶ୍ରଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଉକ୍ତ ପଦବୀ ଆସନ୍ତା ୧୫ ଦିନ ଭିତରେ ପୂରଣ ନ ହେଲେ ସଙ୍ଗଠନ ପକ୍ଷରୁ ଧାରଣା ଦିଆଯିବ ବୋଲି ଚେତାବନୀ ଦିଆଯାଇଛି।

# ୫୯ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ବାଲେଶ୍ୱର ଅଫିସ,୨୭।୭

ବାଲେଶ୍ୱର ଶିକ୍ଷା ଜିଲା ଅନ୍ତର୍ଗତ ଜିଲାସ୍ତରୀୟ ବିଜ୍ଞାନ ମେଳା ଆୟୋଜିତ ହୋଇଯାଇଛି। କରୋନା କଟକଣା ପାଇଁ ଅନଲାଇନ୍ ମାଧ୍ୟମରେ ଆୟୋଜିତ ହୋଇଥିବା ଏହି ଜିଲାସ୍ତରୀୟ ବିଜ୍ଞାନ ମେଳା ସ୍ଥାନୀୟ ପବ୍ଲିକ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରିଚାଳିତ ହୋଇଥିଲା। ଜିଲା ଶିକ୍ଷାଧିକାରୀ ରଞ୍ଜନ କୁମାର ଗିରିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ମେଳାରେ ସମଗ୍ର ଜିଲାରୁ ମୋଟ୍ ୫୯ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ପ୍ରତି ବ୍ଲକସ୍ତରରୁ ମନୋନୀତ ପ୍ରତିଯୋଗୀମାନେ ଅନଲାଇନ୍ ମାଧ୍ୟମରେ ନିଜ ନିଜର ପ୍ରକଳ୍ପକୁ ପ୍ରଦର୍ଶିତ କରିଥିଲେ। ବିଚାରକ ଭାବେ ଶିକ୍ଷକ ପ୍ରଶିକ୍ଷଣ କେନ୍ଦ୍ର, ରେମୁଣାର ପ୍ରଶିକ୍ଷିକା ବେବିରାଣୀ ସି ଓ ପୁନମ ଗୁପ୍ତା ଯୋଗଦେଇ ପ୍ରକଳ୍ପଗୁଡ଼ିକର ମୂଲ୍ୟାୟନ କରିଥିଲେ। କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାଶିକ୍ଷାଧିକାରୀ ପବିତ୍ର ମୋହନ ବାରିକ, ଜିଲା ବିଜ୍ଞାନ ପରିଦର୍ଶକ କୃଷ୍ଣମୋହନ ସିଂହ ଏବଂ ବାଲେଶ୍ୱର ସଦର ବ୍ଲକ ବିଜ୍ଞାନ ସଂଯୋଜକ କୌଶିକ କୁମାର ଦାସ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ୬ଗୋଟି ପ୍ରକଳ୍ପକୁ ରାଜ୍ୟସ୍ତରୀୟ ପ୍ରତିଯୋଗିତା ପାଇଁ ମନୋନୀତ କରାଯାଇଥିଲା।

# ହାତୀ ଉପଦ୍ରବ: କ୍ଷତିଗ୍ରସ୍ତଙ୍କୁ ମିଳୁନି ସହାୟତା

ବୈଶିଙ୍ଗା,୨୭।୭(ଡି.ଏନ.ଏ.)

ଝାଡ଼ଖଣ୍ଡି ହାତୀପଲଙ୍କ ଉପଦ୍ରବରେ ମୟୂରଭଞ୍ଜ ଜିଲା ବେତନଟୀ ବ୍ଲକ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ବହୁ ଗରିବ ଲୋକଙ୍କ ଘର, ଖାଦ୍ୟ ପଦାର୍ଥ, ଲୁଗାପଟା, ଚାଷ ଜମି ନଷ୍ଟ ହୋଇଯିବା ଫଳରେ ମୁଣ୍ଡ ଗୁଞ୍ଜିବାକୁ ସେମାନେ ଆଶ୍ରୟ ପାଉନାହାନ୍ତି। କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ଦରଖାସ୍ତ ଆହ୍ୱାନ କରାଯାଇଥିଲା। ମୋଟ ୬୮୬ କ୍ଷତିଗ୍ରସ୍ତଙ୍କ ଆବେଦନପତ୍ର ଯାଞ୍ଚ କରାଯାଇ ଉଚ୍ଚ ଅଧିକାରୀଙ୍କୁ ଅର୍ଥ ପ୍ରଦାନ ନିମନ୍ତେ ରିପୋର୍ଟ ପ୍ରଦାନ କରାଯାଇଥିଲା। ମାତ୍ର ଅଦ୍ୟାବଧି କ୍ଷତିପୂରଣ ରାଶି ମିଳି ପାରିନାହିଁ। ଫଳରେ ଅସନ୍ତୋଷ ବୃଦ୍ଧି ପାଉଛି।

ହାତୀ ଘଉଡ଼ଇବାରେ ଜଙ୍ଗଲ ବିଭାଗ ଫେଲ୍ ମାରିଛି ବୋଲି ଲୋକେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ବେତନଟୀ ବନାଞ୍ଚଳ ଅଧିକାରୀ ଘନଶ୍ୟାମ ସିଂଙ୍କୁ ପଚାରିବାରୁ କ୍ଷତିଗ୍ରସ୍ତଙ୍କୁ ସହାୟତା ପ୍ରଦାନ ଲାଗି ତଦନ୍ତ କରାଯାଇ ଉଚ୍ଚ ଅଧିକାରୀଙ୍କୁ ରିପୋର୍ଟ ଦିଆ ଯାଇଥିଲା। ସହାୟତା ରାଶି ପହଞ୍ଚିଲା ମାତ୍ରେ ତୁରନ୍ତ କ୍ଷତିଗ୍ରସ୍ତଙ୍କୁ ପ୍ରଦାନ କରାଯିବ ବୋଲି କହିଛନ୍ତି। ତେବେ ହାତୀପଲଙ୍କୁ ଘଉଡ଼ାଇବାକୁ ପୂର୍ବରୁ ବାଣ ଫୁଟାଇବା, ନିଆଁ ଜଳାଇବା ଓ ଘଣ୍ଟା ବଜାଇବା ଆଦି ଉପାୟ ଅବଲମ୍ବନ କରାଯାଉଥିଲା। ମାତ୍ର ଅଦାଲତଙ୍କ ରାୟ ଯୋଗୁ ହାତୀଙ୍କୁ ଘଉଡ଼ାଇବାକୁ ବାରଣ କରାଯାଇଛି। ଫଳରେ ଜଙ୍ଗଲ ବିଭାଗ କର୍ମଚାରୀମାନେ ହାତୀପଲଙ୍କୁ ଜନବସତି ଅଞ୍ଚଳରୁ ତଡ଼ିବା ପରିବର୍ତ୍ତେ ନୀରବରେ ସେମାନଙ୍କ ଗତିବିଧି ଲକ୍ଷ୍ୟ ରଖିବାକୁ ବାଧ ହେଉଥିବା ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ କୃଷ୍ଣଚନ୍ଦ୍ରପୁର, ରାଗ୍‌ଧା, ମେରଦା, ବଡ଼ାମପୁର, କ୍ଷୀରପଦା, ଭୁଡୁରୁବଣୀ, ଫୁଲଝରି, ପାଟଳିପୁରା , ମହୁଲିଆ , ଶ୍ରୀବସ୍ତପୁର ଆଦି ଗ୍ରାମର ବହୁ ସଂଖ୍ୟକ କ୍ଷତିଗ୍ରସ୍ତ ତୁରନ୍ତ ଆର୍ଥିକ ସହାୟତା ଯୋଗାଇ ନ ଦେଲେ ବାରିପଦା ସ୍ଥିତ ଡିଏଫଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

## କପିଳେଶ୍ୱରବିହାର ରାସ୍ତା ମରାମତି ଦାବି

କେନ୍ଦୁଝର,(ଡି.ଏନ୍.ଏ)- କେନ୍ଦୁଝର ସହର ଉପକଣ୍ଠ କପିଳେଶ୍ୱର ବିହାରଠାରେ ଗାଡିମଟର ଚଳାଚଳ ଯୋଗୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଛି। ଫଳରେ ସ୍ଥାନୀୟ ଲୋକେ ଅନେକ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ସୋମବାର ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଆଗାମୀ ୭ ଦିନ ମଧ୍ୟରେ ରାସ୍ତା ମରାମତି କାମ କରା ନ ଗଲେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିବେ ବୋଲି କପିଳେଶ୍ୱର ବିହାର ୱେଲଫେୟାର ସୋସାଇଟି ପକ୍ଷରୁ ଜିଲାପାଳଙ୍କୁ ଲିଖିତ ଜଣାଇ ଦିଆଯାଇଛି।

## ସଂକ୍ଷେପରେ

### ଅଫୁଟା ଗୋଳା ନେଲା ପ୍ରତିରକ୍ଷା ବିଭାଗ

**ବାହାନଗା,୨୭।୭ (ଡି.ଏନ.ଏ.):** ପ୍ରତିରକ୍ଷା ବିଭାଗ ତରଫରୁ ପରୀକ୍ଷଣ ଚାଲିଥିବା ବେଳେ ଏକ ଅଫୁଟା ଗୋଳା ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ପଞ୍ଚାୟତର ସମୁଦ୍ର କୂଳବର୍ତ୍ତୀ ଗ୍ରାମ ୪ ନଂ.ୱାର୍ଡ ମହାରୁଦ୍ରପୁର ଆଡ଼ିଆରେ ଜଣେ ବ୍ୟକ୍ତିଙ୍କ ଘର ସାମ୍ନାରେ ପଡ଼ିଥିଲା। ଘଟଣାର ୪ଦିନ ପରେ ପ୍ରତିରକ୍ଷା ବିଭାଗ ପକ୍ଷରୁ ଉକ୍ତ ଅଫୁଟା ଗୋଳାକୁ ଚାନ୍ଦିପୁର ଗୋଳାବାରୁଦ ପରୀକ୍ଷଣ କେନ୍ଦ୍ରକୁ ନିଆଯାଇଛି। ଉକ୍ତ ପରିବାରର ଯାହା କିଛି କ୍ଷତି ହୋଇଛି, ବିଭାଗ ତରଫରୁ କ୍ଷତିପୂରଣ ଦେବାର ବ୍ୟବସ୍ଥା କରାଯିବ କହି ବ୍ୟାଙ୍କ ଆକାଉଣ୍ଟ ନମ୍ବର ଓ ଆଧାର କାର୍ଡ ନେଇଛନ୍ତି। ତର୍ଜମା କରାଯିବା ସହ ଠିକ୍ ଭାବେ ତଦନ୍ତ ପରେ ସାହାଯ୍ୟ କରାଯିବ ବୋଲି କୁହାଯାଇଛି।

### ଜିଲାଶିକ୍ଷାଧିକାରୀଙ୍କ ବିଦ୍ୟାଳୟ ପରିଦର୍ଶନ

**ପାଟଣା,୨୭।୭ (ସ୍ୱ.ପ୍ର.):** କରୋନା ମହାମାରୀ ପାଇଁ ଦୀର୍ଘ ଦିନ ବିଦ୍ୟାଳୟ ବନ୍ଦ ରହିବା ପରେ ସୋମବାରଠାରୁ ଦଶମ ଓ ଦ୍ୱାଦଶ ଶ୍ରେଣୀ ପାଇଁ ଖୋଲିଛି। ବିଦ୍ୟାଳୟ ପରିବେଶ ଠିକ୍‌ଠାକ୍ ଅଛି ନା ନାହିଁ ଆଉ କୋଭିଡ ଗାଇଡ୍‌ଲାଇନ ପାଳନ ହେଉଛି ନା ନାହିଁ ତାହା ଜାଣିବା ଲାଗି କେନ୍ଦୁଝର ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ ସୋମବାର ଓ ମଙ୍ଗଳବାର ପାଟଣା ଓ ସାହାରପଡା ବ୍ଲକର ବିଭିନ୍ନ ବିଦ୍ୟାଳୟ ଅଚାନକ ପରିଦର୍ଶନ କରିଛନ୍ତି। ସୋମବାର ଜିଲା ଶିକ୍ଷାଧିକାରୀ ସାହୁ କେନ୍ଦେଇପଶି ଓ ଟାଙ୍ଗରପଡା ହାଇସ୍କୁଲ ପରିଦେଦର୍ଶନ କରି ଶୌଚାଳୟ ଅସ୍ୱଚ୍ଛ ଓ ବିଜ୍ଞାନ ହଲ୍‌ର ରକ୍ଷଣାବେକ୍ଷଣ ହେଉ ନ ଥିବାରୁ କାରଣ ଦର୍ଶାଅ ନୋଟିସ ଜାରି କରିଥିଲେ।

### ସଞ୍ଜିତା ଜଳେଶ୍ୱର ବ୍ଲକ ମହିଳା ବିଜେଡି ସଭାପତି

**ଜଳେଶ୍ୱର, ୨୭।୭(ଡି.ଏନ୍.ଏ.):** ବାଲେଶ୍ୱର ଜିଲାର ବିଭିନ୍ନ ବ୍ଲକ ଓ ପୌରାଞ୍ଚଳରେ ମହିଳା ସଭାପତିଙ୍କର ନାମ ତାଲିକାକୁ ବିଜୁ ମହିଳା ଜନତା ଦଳ ସଭାପତି ସ୍ନେହାଙ୍ଗିନୀ ଛୁରିଆ ଘୋଷଣା କରିଛନ୍ତି ଏଥିଯୋଗୁଁ ଜଳେଶ୍ୱର ବ୍ଲକର ମହିଳା ସଭାନେତ୍ରୀ ଭାବେ ସଞ୍ଜିତା ସେନାପତିଙ୍କ ନାମ ପ୍ରକାଶ ପାଇଛି। ସେ ୨୦୧୨ରୁ ୨୦୧୭ ମସିହାଯାଏ ପାଇକସିଦା ସରପଞ୍ଚ ଭାବେ କାର୍ଯ୍ୟ ତୁଲାଇଥିଲେ।



ଏବେ ସେ ରାୟାଁରାମଚନ୍ଦ୍ରପୁର ପଞ୍ଚାୟତର ସମିତି ସଦସ୍ୟଭାବେ କାର୍ଯ୍ୟ କରୁଛନ୍ତି। ତାଙ୍କ ନାମ ସଭାପତିଭାବେ ଘୋଷଣା ହୋଇଥିବାରୁ ସେ ବିଜେଡି ରାଜ୍ୟ ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ମହିଳା ସଭାପତି ସ୍ନେହାଙ୍ଗିନୀ ଛୁରିଆ, ରାଜ୍ୟ କାର୍ଯ୍ୟକାରୀ ସଭାପତି ସୁବାସିନୀ ଜେନା ପ୍ରମୁଖଙ୍କୁ କୃତଜ୍ଞତା ଜଣାଇଛନ୍ତି।

### ସୌମ୍ୟଙ୍କୁ ନ୍ୟାୟ ଦାବିରେ ନୀରବ ଶୋଭାଯାତ୍ରା

**ଖଇରା,୨୭।୭(ଡି.ଏନ.ଏ.):** ପାରଳାଖେମୁଣ୍ଡି ଏସିଏଫ ସୌମ୍ୟ ରଞ୍ଜନ ମହାପାତ୍ରଙ୍କ ରହସ୍ୟଜନକ ମୃତ୍ୟୁ ଘଟଣାରେ ସିବିଆଇ ତଦନ୍ତ ଦାବିରେ ଆୟୁଷ୍ମାନ ଫାଉଣ୍ଡେସନ ପକ୍ଷରୁ ସୋମବାର ଖଇରା ବଜାରରେ ନୀରବ ଶୋଭାଯାତ୍ରା କରାଯାଇଛି। ଏହି ଶୋଭାଯାତ୍ରା ଖଇରା ବ୍ଲକ ଛକରୁ ବାହାରି ଖଇରା ବଜାର ପରିକ୍ରମା କରି ଖଇରା ଥାନା ନିକଟରେ ପହଞ୍ଚିଥିଲା। ସୌମ୍ୟ ଖଇରାର ଗୌରବ ଥିବା ବେଳେ ତାଙ୍କ ମୃତ୍ୟୁ ବର୍ତ୍ତମାନ ପର୍ଯ୍ୟନ୍ତ ରହସ୍ୟମୟ ହୋଇ ରହିଛି। ୧୪ଦିନ ବିତିଯାଇଥିଲେ ହେଁ ତାଙ୍କ ପରିବାରକୁ ଏ ପର୍ଯ୍ୟନ୍ତ ନ୍ୟାୟ ମିଳିପାରିନାହିଁ। ଆୟୁଷ୍ମାନ ଫାଉଣ୍ଡେସନର ସଂସ୍ଥାପକ ଶ୍ରୀମନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ସଭ୍ୟ ଗିରିରଞ୍ଜନ ବେହେରା, ଲକ୍ଷ୍ମୀଧର ବାରିକ, ହେମନ୍ତ ଦାସ, ପ୍ରଦୀପ କୁମାର ଦାସ ପ୍ରମୁଖ ଉକ୍ତ ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

### ୬୯ ୟୁନିଟ ରକ୍ତ ସଂଗ୍ରହ

**ପଦ୍ମପୁର,୨୭।୭(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଆନ୍ଦୋଳା ପଞ୍ଚାୟତଠାରେ ମଙ୍ଗଳବାର ପୂର୍ବାହ୍ନରେ ଓଡ଼ିଶା ମୋ ପରିବାର ଓ ଜୀବନବିନ୍ଦୁ ମିଳିତ ସହଯୋଗରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଏହାକୁ ଉଦ୍‌ଘାଟନ କରିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ କୁମାର ଦାସ, ସରପଞ୍ଚ ମାମିନା ଖିଲାର, ବଂଶୀଧର ବିଶ୍ୱାଳ, ପ୍ରଫୁଲ୍ଲ କୁମାର ପରିଡ଼ା, ସାମାଜିକ କର୍ମୀ ଜଗବନ୍ଧୁ ଖିଲାର, ଝରଣା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୬୯ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା।

# ଶହୀଦ ପୀଠର ସୌନ୍ଦର୍ଯ୍ୟକରଣକୁ ଗୁରୁତ୍ୱ

**ବାସୁଦେବପୁର,୨୭।୭(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ଇରମର ଶହୀଦ ପୀଠର ଉନ୍ନତିକରଣ ନେଇ ମଙ୍ଗଳବାର ଶହୀଦ ସ୍ମୃତି ଭବନ ପରିସରରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ପୀଠର ଉନ୍ନତିକରଣ ପାଇଁ ରାଜ୍ୟ ପର୍ଯ୍ୟଟନ ବିଭାଗ ପ୍ରଥମ ପର୍ଯ୍ୟାୟରେ ୪୦ ଲକ୍ଷ ଟଙ୍କା ପ୍ରଦାନ କରିଥିବା ବେଳେ ଏହାର ନିର୍ମାଣ କାର୍ଯ୍ୟ ଚାଲୁ ରହିଛି। ତେବେ ଚଳିତବର୍ଷ ବିଭାଗ ପକ୍ଷରୁ ପୁର୍ନବାର ଶହୀଦ ପୀଠର ସୌନ୍ଦର୍ଯ୍ୟକରଣ ପାଇଁ ୫୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଛି। ଏହାର ସୁବିନିଯୋଗ ନିମନ୍ତେ ସ୍ଥାନୀୟ ଜନସାଧାରଣ, ଶହୀଦ ସ୍ମୃତି କମିଟି କର୍ମକର୍ତ୍ତାଙ୍କଠାରୁ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ବିଭିନ୍ନ ପ୍ରସ୍ତାବ ଶୁଣିଥିଲେ।

ସରପଞ୍ଚ ପ୍ରଫୁଲ୍ଲ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଶହୀଦ ପୀଠର ଉନ୍ନତି ଓ ସୌନ୍ଦର୍ଯ୍ୟକରଣ ଲାଗି ସମସ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ। ନଅଣ ପୋଖରୀର ସୌନ୍ଦର୍ଯ୍ୟକରଣ, ଇରମଠାରେ ଏକ ପାର୍କ, ଉକ୍ତ ପାର୍କ ମଧ୍ୟରେ ୨୯ ଶହୀଦଙ୍କ ପ୍ରତିମୂର୍ତ୍ତି, ନଅଣ ପୋଖରୀରେ ଏକ ୱାଟର ଫାଉଣ୍ଟେନ ନିର୍ମାଣ କରାଯିବ। ଇରମ ଗୁଳିକାଣ୍ଡ ଓ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ପର୍କିତ ଇତିହାସର ଏକ ପୂର୍ଣ୍ଣ ତଥ୍ୟ ଏଠାରେ ରଖାଯିବ, ଯାହାକି ପର୍ଯ୍ୟଟକଙ୍କୁ ଇରମ ସମ୍ପର୍କରେ ତଥ୍ୟ ଯୋଗାଇବାରେ ଏହା ସହାୟକ ହେବ ବୋଲି ବିଧାୟକ ମତବ୍ୟକ୍ତ କରିଥିଲେ। ବିଧାୟକଙ୍କ ପ୍ରତିନିଧି ଅସିତ ଦାଶ, ସରପଞ୍ଚ ଦୀନବନ୍ଧୁ ଦାସ, ଯଦୁନାଥ ନାୟକ, ଗିରିଶ ଚନ୍ଦ୍ର ନାୟକ, ରଘୁନାଥ ମଳିକ, ଶରତ ମଳିକ, ଅମର ପଣ୍ଡା, ଶହୀଦ ସ୍ମୃତି କମିଟିର ପୂର୍ବତନ କର୍ମକର୍ତ୍ତା ଭଗବାନ ନାୟକ, ରତିକାନ୍ତ ପାଢ଼ୀ, ରତିକାନ୍ତ ପତି, ଗୋପାଳ ବେଜଙ୍କ ସହ ୯ଟି ପଞ୍ଚାୟତର ଲୋକ ପ୍ରତିନିଧି ବୈଠକରେ ମତ ରଖିଥିଲେ। ପିଡବ୍ଲ୍ୟୁଡି ଏସ୍‌ଡିଓ ପ୍ରଭାତ ସାହୁ, ଯନ୍ତ୍ରୀ କାର୍ତ୍ତିକ ମହାରଣା ପ୍ରମୁଖ ବିଧାୟକଙ୍କ ସହ ଶହୀଦ ପୀଠ ପରିଦର୍ଶନ କରି ଆଗାମୀ ଉନ୍ନତିମୂଳକ ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ।



ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଓ ଅନ୍ୟମାନେ ଶହୀଦ ପୀଠ ପରିଦର୍ଶନ କରୁଛନ୍ତି।

# ନେତା,କର୍ମୀ ଏକାଠି ହେବାକୁ ଆହ୍ୱାନ

**ପଞ୍ଚାୟତ ଦଖଲ ଲାଗି ଭୋଗରାଇ କଂଗ୍ରେସର ସଜବାଜ**

**ଭୋଗରାଇ,୨୭।୭(ଡି.ଏନ.ଏ.)**

୨୦୨୨ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ବାଲେଶ୍ୱର ଜିଲା ଭୋଗରାଇ ନିର୍ବାଚନମଣ୍ଡଳୀ କଂଗ୍ରେସ ପକ୍ଷରୁ ସଜବାଜ ଆରମ୍ଭ ହୋଇଛି। ସମସ୍ତ ନେତା, କର୍ମୀ କଂଗ୍ରେସ ପତକା ତଳେ ଏକାଠି ହୋଇ ଆଗାମୀ ପଞ୍ଚାୟତ ନିର୍ବାଚନ ନିମନ୍ତେ ଅଣ୍ଟା ଭିଡ଼ିବାକୁ ଦଳର ନେତୃବୃନ୍ଦ ଆହ୍ୱାନ ଦେଇଛନ୍ତି। ଭୋଗରାଇ ନିର୍ବାଚନମଣ୍ଡଳୀରେ ୬ଟି ଜିଲା ପରିଷଦ ଜୋନରେ ଦଳ ପକ୍ଷରୁ ଘନଘନ ବୈଠକ କରାଯାଇ ସଙ୍ଗଠନ ସୁଦୃଢ଼ କରାଯାଉଥିବା ସୂଚନା ମିଳିଛି। ଦଳର ନେତା ସତ୍ୟଶିବ ଦାସଙ୍କ ନେତୃତ୍ୱରେ ପ୍ରତି ପଞ୍ଚାୟତରେ ୧୩ରୁ ୧୫ ଜଣ କଂଗ୍ରେସର ଛାମୁଆ ନେତାଙ୍କୁ ପ୍ରାଧାନ୍ୟ ଦିଆଯାଇ ଥିବାବେଳେ ପ୍ରତ୍ୟେକ ନେତା ପ୍ରତି ୱାର୍ଡ଼ରେ ସଭ୍ୟ ସଂଖ୍ୟା ବୃଦ୍ଧି ସହ ଶାସକ ଦଳର ଉନ୍ନୟନ ଯୋଜନାର ଅପାରଗତା ବାବଦରେ ଲୋକମାନଙ୍କୁ ସଚେତନ କରିବାକୁ ପରାମର୍ଶ ଦିଆଯାଇଛି। କଂଗ୍ରେସ ଆଗାମୀ ପଞ୍ଚାୟତ ନିର୍ବାଚନରେ ସମସ୍ତ ପଞ୍ଚାୟତ ଦଖଲ କରିବାକୁ ନେଇ ଗତ ସୋମବାର ଅପରାହ୍ନରେ ଜଳେଶ୍ୱରପୁରସ୍ଥିତ କଂଗ୍ରେସ ଭବନଠାରେ ଛାମୁଆନେତାମାନଙ୍କୁ ନେଇ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଭୋଗରାଇରୁ ଜିଲା ଉପସଭାପତି ଭାବେ ବରିଷ୍ଠ ନେତା ଗୋପବନ୍ଧୁ ମହାପାତ୍ର, ଜିଲା ସାଧାରଣ ସମ୍ପାଦକ ଭାବେ ଯୁବନେତା ସନ୍ତୋଷ କୁମାର ଜେନା, ଭୋଗରାଇ କଂଗ୍ରେସର କାର୍ଯ୍ୟକାରୀ ସଭାପତି ଭାବେ ଦୀପକ କୁମାର ଜେନା, ସମ୍ପାଦକ ମଣ୍ଡଳୀର ସଦସ୍ୟ ଭାବେ ସୁମନ୍ତ କୁମାର ବେହେରା, ରାଜକିଶୋର ନାୟକ, ଶିଶିର ଦାସ ମହାପାତ୍ର ଓ ମମତା ସାହୁଙ୍କୁ ଜିଲା କାର୍ଯ୍ୟକାରିଣୀ କମିଟିରେ ସାମିଲ୍ କରାଯାଇଥିବାରୁ ରାଜ୍ୟ ଓ ଜିଲା ନେତୃମଣ୍ଡଳୀଙ୍କୁ ଭୋଗରାଇ କଂଗ୍ରେସ ସାଧୁବାଦ ଜଣାଇଛି।

# ଭଦ୍ରକକୁ ରେଳ ଡିଭିଜନ ମାନ୍ୟତା ଦାବି ଜୋର ଧରିଲା

**ଭଦ୍ରକ ଅଫିସ,୨୭।୭**

ଭଦ୍ରକକୁ ରେଳ ଡିଭିଜନ ମାନ୍ୟତା ପାଇଁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସର୍ବଦଳୀୟ ରାଜନୈତିକ ନେତୃବୃନ୍ଦଙ୍କ ମହଲରେ ଦାବି ଜୋର ଧରିଛି। ଏହି ପରିପ୍ରେକ୍ଷୀରେ ଚରମ୍ପା ଷ୍ଟେଶନ ନିକଟ ଅଭିନନ୍ଦନ ହୋଟେଲ ସମ୍ମିଳନୀ କକ୍ଷରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଭଦ୍ରକର ବହୁ ବୁଦ୍ଧିଜୀବୀ ଓ ରାଜନେତା ଯୋଗ ଦେଇଥିଲେ। ସାମାଜିକ କର୍ମୀ ଜନାବ ଉମର ଅଲ୍ଲୀଙ୍କ ଆବାହକତ୍ୱରେ ଆୟୋଜିତ ଏହି ବୈଠକରେ ଗୌରଚନ୍ଦ୍ର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଭଦ୍ରକ ଏକ ସର୍ବପୁରାତନ ରେଳ ଷ୍ଟେଶନର ମାନ୍ୟତା ଲାଭ କରିଛି। ସ୍ୱଚ୍ଛ ଭିତ୍ତିଭୂମି, ୪୭୦ ଏକରରୁ ଅଧିକ ଷ୍ଟେଶନ ସଂଲଗ୍ନ ରେଳବାଇ ଜମି, ଭଦ୍ରକର ଲୋକସେଡ୍, ବିସ୍ତୀର୍ଣ୍ଣ ରେଳବାଇ ପଡ଼ିଆ, ରେଲୱେ ଇନ୍‌ଷ୍ଟିଚ୍ୟୁଟ, ପ୍ରଶସ୍ତ ଖୋଲାସ୍ଥାନ, କର୍ମଚାରୀଙ୍କ କ୍ୱାର୍ଟର୍ସ, ଆଇଓଡବ୍ଲ୍ୟୁ ପିଡବ୍ଲ୍ୟୁଆଇ, ଚିଲ୍ଡ୍ରେନ୍ସ ପାର୍କ ଭଳି ଭଦ୍ରକରେ ଉପଲବ୍ଧ ଥାଇ ଏହାକୁ ଡିଭିଜନ ନ କଲେ ଆଗାମୀ ଦିନରେ ଏହା ବିରାଟ ଜନ ଆନ୍ଦୋଳନର ରୂପ ନେବ ବୋଲି ବୈଠକରେ କୁହାଯାଇଛି। ସମସ୍ତ ପ୍ରକାର ଭିତ୍ତିଭୂମି ଥିବାରୁ ଏହାକୁ ରେଳ ଡିଭିଜନର ମାନ୍ୟତା ନ ମିଳିବା ପର୍ଯ୍ୟନ୍ତ ସଂଗ୍ରାମ ଜାରି ରଖିବାକୁ ନିଷ୍ପତ୍ତି ହୋଇଛି। ବରିଷ୍ଠ ଆଇନଜୀବୀ ଦିବ୍ୟସିଂହ ନାୟକ, ପବନ କୁମାର ଶର୍ମା, ପରେଶ ନାୟକ, ନରେନ ପଲେଇ, ପ୍ରଫୁଲ୍ଲ ନାୟକ, ଶିଶିର ମିଶ୍ର, ଦିଲୀପ ନାୟକ, ଦେବେନ୍ଦ୍ର ମହାନ୍ତି, ସୁଧାକର ରାଉତ, ଜ୍ୟୋତିକାନ୍ତ ନାୟକ, ନିରଞ୍ଜନ ପାଣି, ଉତ୍ପଳକାନ୍ତି ଦାସ, ସତ୍ୟରଞ୍ଜନ ବାରିକ ପ୍ରମୁଖ ବୈଠକରେ ଉପସ୍ଥିତ ଥିଲେ। ପରବର୍ତ୍ତୀ ସମୟରେ ଏହି ଦାବିକୁ ଭଦ୍ରକ ଏମ୍‌ପି ଓ ସମସ୍ତ ବିଧାୟକଙ୍କୁ ଅବଗତ କରାଯାଇ ଜନସଚେତନତା ସୃଷ୍ଟି କରାଯିବାକୁ ସ୍ଥିର ହୋଇଛି।

## ୩୦ ଫୁଟ୍ ତଳକୁ ଖସିପଡ଼ିଲେ ବାଇକ୍ ଆରୋହୀ

**ବାଲିଆପାଳ,୨୭।୭(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ-କମର୍ଦ୍ଦା ମୁଖ୍ୟରାସ୍ତାର କମର୍ଦ୍ଦା ପଟୁ ସୁବର୍ଣ୍ଣରେଖା ନଦୀ ପୋଲ ପୂର୍ବରୁ ଅଳ୍ପ ଦୂରରେ ଜଣେ ବାଇକ୍ ଆରୋହୀ ଭାରସାମ୍ୟ ହରାଇ ରାସ୍ତାପାର୍ଶ୍ୱରେ ଥିବା ଗାଡ଼ପୋଷ୍ଟକୁ ଧକ୍କା ଦେଇ ୩୦ ଫୁଟ୍ ତଳକୁ ଖସି ପଡ଼ିଥିଲେ। ପାଖରେ ଥିବା ମହିଳାମାନେ ତାଙ୍କୁ ଆହତ ଅବସ୍ଥାରେ ଉଦ୍ଧାର କରି ଅନ୍ୟ ଏକ ବାଇକ୍‌ରେ କମର୍ଦ୍ଦା ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ସୂଚନା ଅନୁଯାୟୀ, ବାରବାଟି ଗ୍ରାମର ଆଲୋକ ଜେନା(୨୫) ବାଇକ୍‌ରେ ବାଲିଆପାଳ ଆସୁଥିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ଗାଡ଼ପୋଷ୍ଟ ଭାଙ୍ଗିଯାଇଥିବା ବେଳେ ସେଥିରେ ବାଇକ୍‌ଟି ଅଟକି ଯାଇଥିଲା। ସେ ବାଇକ୍‌ରୁ ଛିଟିକି ତଳକୁ ଖସି ପଡ଼ିଥିଲେ।

# ଦାୟିତ୍ୱ ଗ୍ରହଣ କଲେ ନୂଆ କୁଳପତି



ନୂତନ କୁଳପତି ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀଙ୍କୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

**ବାଲେଶ୍ୱର ଅଫିସ,୨୭।୭**

ବାଲେଶ୍ୱର ଜିଲା ରେମୁଣା ନୂଆପାଢ଼ୀସ୍ଥିତ ଫକୀରମୋହନ ବିଶ୍ୱବିଦ୍ୟାଳୟର କୁଳପତି ଭାବେ ପ୍ରଫେସର ଡ. ସନ୍ତୋଷ କୁମାର ତ୍ରିପାଠୀ ମଙ୍ଗଳବାର ପୂର୍ବାହ୍ନରେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ବିଶ୍ୱବିଦ୍ୟାଳୟର କର୍ମଚାରୀମାନେ ତାଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ପ୍ରଫେସର ତ୍ରିପାଠୀଙ୍କ ବଳିଷ୍ଠ ନେତୃତ୍ୱ ଏବଂ କର୍ମଚାରୀ ସଂଘର ସହଯୋଗ ତଥା ସମର୍ଥନରେ ଫକୀରମୋହନ ବିଶ୍ୱବିଦ୍ୟାଳୟ ନିଶ୍ଚୟ ଉତ୍କର୍ଷତାର ଶୀର୍ଷରେ ପହଞ୍ଚିବ ବୋଲି ଉପସ୍ଥିତ କର୍ମଚାରୀଗଣ ଆଶା ପ୍ରକଟ କରିଥିଲେ। କର୍ମଚାରୀ ସଂଘର ସଭାପତି ଉପେନ୍ଦ୍ର ପ୍ରସାଦ ଜେନା, ସମ୍ପାଦକ ପ୍ରଦୀପ କୁମାର ଗାଣ, ଉପଦେଷ୍ଟା ସୁଶାନ୍ତ କୁମାର ଦାସ, ସହାୟକ କୁଳସଚିବ ଗଙ୍ଗାଧର ଦାଶଙ୍କ ସମେତ ବିଶ୍ୱବିଦ୍ୟାଳୟର କୁଳସଚିବ କୁକୁମିନା ଦାସ ଓ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ମୁନେଶ ଚନ୍ଦ୍ର ଅଧିକାରୀ ମଧ୍ୟ ଉପସ୍ଥିତ ଥିଲେ।

# ୧୦ରେ ଗୁରୁଦାସପୁରଠାରେ ରେଳରୋକୋ

**ଭଦ୍ରକ ଅଫିସ, ୨୭।୭**

ଭଦ୍ରକରେ ଶିଳ୍ପ ପ୍ରତିଷ୍ଠା ହୋଇଛି, କିନ୍ତୁ ବିଦେଶୀ ଲାଭ ପାଉଛନ୍ତି। ଧାମରାରେ ବନ୍ଦର ପ୍ରତିଷ୍ଠା ହୋଇଥିଲେ ମଧ୍ୟ ସ୍ଥାନୀୟ ଯୁବତୀ ଯୁବକ ନିଯୁକ୍ତିରୁ ବଞ୍ଚିତ ହେଉଛନ୍ତି। ଜିଲାରେ ବେକାରୀ ଯୁବତୀ ଯୁବକ ସଂଖ୍ୟା ବୃଦ୍ଧି ପାଉଥିବା ବେଳେ ରାଜ୍ୟ ବାହାରର ତଥା ଅଣଓଡ଼ିଆ ନିଯୁକ୍ତି ପାଉଥିବା କଂଗ୍ରେସ ପକ୍ଷରୁ କୁହାଯାଇଛି। ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି, ଧାମରା ରେଳ ଲାଇନର ଉଭୟ ପାର୍ଶ୍ୱ ଜଳ ନିଷ୍କାସନ, ଜିଲାରେ ଚାରାରୋପଣ ଓ ପାରିପାର୍ଶ୍ୱିକ ବିକାଶ, ଭଦ୍ରକ ସହର ବିକାଶ କ୍ଷେତ୍ରରେ ବନ୍ଦର କର୍ତ୍ତୃପକ୍ଷଙ୍କ ଭୂମିକାକୁ ନେଇ ଭଦ୍ରକ ଯୁବ ଓ ଛାତ୍ର କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ବନ୍ଦର କର୍ତ୍ତୃପକ୍ଷ ଏହି ଦାବିଗୁଡ଼ିକ ପ୍ରତି ଦୃଷ୍ଟି ନ ଦେଲେ ଆସନ୍ତା ଅଗଷ୍ଟ ୧୦ରେ ଗୁରୁଦାସପୁର ଷ୍ଟେଶନ ନିକଟରେ ରେଳରୋକୋ କରାଯିବ ବୋଲି କଂଗ୍ରେସ ଡାକରା ଦେଇଛି। ଏହି ପରିପ୍ରେକ୍ଷୀରେ ଛାତ୍ର କଂଗ୍ରେସ ସଭାପତି ସୌମ୍ୟରଞ୍ଜନ ବାରିକ, ଯୁବନେତା ହେମନ୍ତ ମହାପାତ୍ର, ଶେଖ ବବି, ଶେଖ ଜିକୁ ପ୍ରମୁଖ ମଙ୍ଗଳବାର ଜିଲାପାଳ, ଏସ୍‌ପି ଓ ଧାମରା କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି।

# ଯନ୍ତ୍ରୀଙ୍କ ବଦଳି ପାଇଁ ଠିକାଦାରଙ୍କ ଦାବି

**ରୂପ୍‌ସା,୨୭।୭(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବସ୍ତା ଠିକାଦାର ସଂଘ ପକ୍ଷରୁ ବାହାର୍ଦ୍ଦା ଡାକବଙ୍ଗଳାଠାରେ ସଭାପତି ବିଜୟ ସିଂହଙ୍କ ଅଧ୍ୟକ୍ଷତାରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଠାରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଓ ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀଙ୍କ ମନମୁଖୀ କାର୍ଯ୍ୟକୁ ବିରୋଧ କରାଯାଇଥିଲା। ଏହାର ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସହ ଦୁଇ ଯନ୍ତ୍ରୀଙ୍କ ଅନ୍ୟତ୍ର ବଦଳି ପାଇଁ ସଂଘ ପକ୍ଷରୁ ଦାବି ହୋଇଛି। ଏହି ସଭାରେ ସମ୍ପାଦକ ସୁଧାକର ସାହୁ, ରବୀନ୍ଦ୍ର ମହାନ୍ତି, ଅମିତ ଦାସ, ସୁଜିତ ମହାନ୍ତି, ସୁଦର୍ଶନ ଭୂୟାଁ, ଧନଞ୍ଜୟ ମହାନ୍ତି, ଗଦାଧର ବିଶ୍ୱାଳ ଓ ପ୍ରିୟବ୍ରତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଗ୍ରାମ୍ୟ ଉନ୍ନୟନ ବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ. ଗଣେଶ ଚନ୍ଦ୍ର ହେମ୍ବ୍ରମଙ୍କୁ ପଚାରିବାରୁ କହିଛନ୍ତି, 'ନିର୍ମାଣ କାର୍ଯ୍ୟକୁ ବିଭାଗ ତରଫରୁ ତଦାରଖ ସହ ଠିକ୍ ମାନ ରଖିବାକୁ ତାଗିଦ୍ ହେଉଥିବାରୁ ସଂଘ ଜରିଆରେ ଅଧିକାରୀଙ୍କ ବିରୋଧରେ ମିଥ୍ୟା ଅଭିଯୋଗ ଆଣି ଅଯଥା ବଦନାମ କରାଯାଉଛି'। ସେହିପରି ଜଳସେଚନ ବିଭାଗର କନିଷ୍ଠ ଯନ୍ତ୍ରୀ ଅଶୋକ କୁମାର ଦାସ ତାଙ୍କ ନାମରେ ଅଣାଯାଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା ଓ ଭିତ୍ତିହୀନ ବୋଲି କହିଛନ୍ତି।

# କେ-ୱାରିୟର୍ସ ଟାଏକୋଣ୍ଡୋ ଏକାଡେମୀକୁ ୩ ପଦକ




**କେନ୍ଦୁଝର, ୨୭।୭(ଡି.ଏନ.ଏ.)**

୨ୟ ଜାତୀୟ ଅନଲାଇନ ଟାଏକୋଣ୍ଡୋ ପୁମସେ ପ୍ରତିଯୋଗିତା ଚଳିତ ମାସ ୫ରୁ ୨୧ ତାରିଖ ମଧ୍ୟରେ ଅନୁଷ୍ଠିତ ହୋଇଥିବାବେଳେ ଏଥିରେ କେନ୍ଦୁଝରର କେ-ୱାରିୟର୍ସ ଟାଏକୋଣ୍ଡୋ ଏକାଡେମୀ ୩ଟି ପଦକ ହାସଲ କରିଛି। ଜୁଲାଇ ୨୫ରେ ଅନ୍‌ଲାଇନ ମାଧ୍ୟମରେ ଏହାର ଫଳାଫଳ ପ୍ରସାରିତ ହୋଇଯାଇଛି। ଯେଉଁଥିରେ ଏକାଡେମୀର ଆଗ୍ନେୟ କୁମାର ପୃଷ୍ଟି (ସବ ଜୁନିୟର କଲର ବେଲ୍ଟ) ସ୍ୱର୍ଣ୍ଣ, ଆୟୁଷ କୁମାର ପୃଷ୍ଟି (ସବ ଜୁନିୟର ବ୍ଲାକ ବେଲ୍ଟ) ସ୍ୱର୍ଣ୍ଣ ଓ ଅଦମ୍ୟ ଅର୍ଜିତ ରାୟ (ସବ୍ ଜୁନିୟର ବ୍ଲାକ ବେଲ୍ଟ) ରୌପ୍ୟ ପଦକ ହାସଲ କରିଛନ୍ତି।

## ବିଜୁ ମହିଳା ଜନତା ଦଳର ଜିଲା କମିଟି ଘୋଷିତ

**ବାଲେଶ୍ୱର ଅଫିସ,୨୭।୭**

ବିଜୁ ମହିଳା ଜନତା ଦଳର ବାଲେଶ୍ୱର ଜିଲା ସଭାପତି ବିନ୍ଦୁବାଳା ନନ୍ଦୀ ମଙ୍ଗଳବାର ଜିଲା କମିଟି ଘୋଷଣା କରିଛନ୍ତି। ଉପସଭାପତି ଭାବେ ରଞ୍ଜିତା ମହାପାତ୍ର, ତୁଳସୀ ଦତ୍ତ, ମିନତି ଜେନା, ନିବେଦିତା ମହାନ୍ତି, ନିରୋଦପ୍ରଭା ପଣ୍ଡା, ଗୌରୀମଣି ବେହେରା, ଆହ୍ଲାଦିନୀ ନାୟକ, ଜୟନ୍ତୀ ମହଲାଙ୍କୁ ମନୋନୀତ କରାଯାଇଛି। ସାଧାରଣ ସମ୍ପାଦିକା ଭାବେ ସୁଷମା ମହାପାତ୍ର, ଅନୁପମା ସାହୁ, ସୁକାନ୍ତି ଦାସ, ସବିତା ଦଳେଇ, ଲତିକା ପାଣି, ଜୟଶ୍ରୀ ସାହୁ, ଜାନକୀ ସିଂହ ଓ ସନ୍ଧ୍ୟାରାଣୀ ପଣ୍ଡା ରହିଛନ୍ତି। ସମ୍ପାଦିକା ଭାବେ ସତ୍ୟବତୀ ଗିରି, ପକ୍ଷୀ ଜେନା, ଆରତି ଗିରି, ଦୁର୍ଗାରାଣୀ ଜେନା ପ୍ରମୁଖ ସ୍ଥାନ ପାଇଥିବା ପ୍ରେସ୍ ବିବୃତିରେ ସଭାପତି ଜଣାଇଛନ୍ତି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ପରଲୋକ

**ଭଦ୍ରକ ଅଫିସ, ୨୭।୭**

ଭଦ୍ରକ ସହର ନୂଆବଜାରର ଅବସରପ୍ରାପ୍ତ ସେନା କର୍ମଚାରୀ ଡା. ପ୍ରତାପ ଚନ୍ଦ୍ର ପଣ୍ଡା(୭୫)ଙ୍କ ପରଲୋକ ହୋଇଯାଇଛି। ଦୀର୍ଘଦିନ ଧରି ସେ ଅସୁସ୍ଥ ଥିଲେ। ମୃତ୍ୟୁ ବେଳକୁ ତାଙ୍କ ପାଖରେ ସ୍ତ୍ରୀ, ପୁଅ ଓ ପୁତ୍ରବଧୂ ଉପସ୍ଥିତ ଥିଲେ।



ବନ୍ତ ବ୍ଲକ ଅଡ଼ାଳପଙ୍କ ଗ୍ରାମରେ ଜନ୍ମିତ ସ୍ୱର୍ଗତ ପଣ୍ଡା ଭଦ୍ରକ ସହରର ନୂଆବଜାର ଅଞ୍ଚଳରେ ସ୍ଥାୟୀ ବାସିନ୍ଦା ଭାବେ ରହୁଥିଲେ। ସେ ସ୍ୱର୍ଗତ ପୂର୍ବତନ ବିଚାରପତି ଗଜେନ୍ଦ୍ର ନାଥ ପଣ୍ଡାଙ୍କ ପୁଅ। ସେ ସୀମା ସୁରକ୍ଷା ବଳରେ ମେଡିକାଲ ଡାଇରେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଅବସର ପରେ ଅଞ୍ଚଳରେ ରୋଗୀସେବା ମାଧ୍ୟମରେ ସମାଜସେବା କାର୍ଯ୍ୟରେ ନିୟୋଜିତ ଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପାଇଖାନା ଆବର୍ଜନା ପରିଚାଳନା ପ୍ଲାଣ୍ଟ ସ୍ଥାପନକୁ ବିରୋଧ

**କେନ୍ଦୁଝର, ୨୭।୭(ଡି.ଏନ.ଏ.)**

କେନ୍ଦୁଝର ସଦର ବ୍ଲକ ଶିରିଶପାଳ ପଞ୍ଚାୟତର ବଳଭଦ୍ରପୁର ମୌଜାରେ ପୌରପାଳିକା ତରଫରୁ ୫ ଏକର ୩୧ ଡିସିମିଲ ପରିମିତ ଜାଗାରେ ଏକ ପାଇଖାନା ଆବର୍ଜନା ପରିଚାଳନା ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉଛି। ଏହି ପ୍ଲାଣ୍ଟକୁ ସ୍ଥାନୀୟ ଜନସାଧାରଣ ବିରୋଧ କରୁଥିବାବେଳେ ସ୍ଥାନାନ୍ତର ପାଇଁ ସରପଞ୍ଚ ପୁଷ୍ପା ନାଏକ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅନ୍ୟପକ୍ଷେ ଏଥିପାଇଁ ଗ୍ରାମସଭା, ଟେଣ୍ଡର କିମ୍ବା ଜମି ଚିହ୍ନଟ କରାଯାଇ ନ ଥିବା ସେ ଅଭିଯୋଗ କରିଛନ୍ତି। ପ୍ଲାଣ୍ଟ ନିକଟବର୍ତ୍ତୀ ଅଞ୍ଚଳରେ ବିଦ୍ୟାଳୟ ସମେତ ଆଖପାଖରେ ଜନବସତି ରହିଛି। ଏହାର ନିକଟରେ ୧୫ ଜଣ ଭୂମିହୀନ ଲୋକଙ୍କୁ ବସତି ସ୍ଥାପନ ପାଇଁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଜିଲା ପ୍ରଶାସନ ଆବଶ୍ୟକ ପଦକ୍ଷେପ ନେଇ ଏହି ପ୍ଲାଣ୍ଟ ଅନ୍ୟତ୍ର ସ୍ଥାପନ କରିବାକୁ ସେ ଦାବି କରିଛନ୍ତି।

# ଜିଲା ଭାଜପା ଯୁବମୋର୍ଚ୍ଚାର ନୂଆ ଟିମ୍

**ବାଲେଶ୍ୱର ଅଫିସ,୨୭।୭**

ବାଲେଶ୍ୱର ଭାଜପା ଯୁବମୋର୍ଚ୍ଚା ନୂଆ କାର୍ଯ୍ୟକର୍ତ୍ତାଙ୍କ ନାମ ମଙ୍ଗଳବାର ଘୋଷଣା କରାଯାଇଛି। ଜିଲା ସଭାପତି ଉମାକାନ୍ତ ମହାପାତ୍ର ଓ ଭାଜପା ରାଜ୍ୟ ସଭାପତି ଇରାଶିଷ ଆଚାର୍ଯ୍ୟଙ୍କ ଅନୁମୋଦନ କ୍ରମେ ଜିଲା ଯୁବମୋର୍ଚ୍ଚା ସଭାପତି ରାଜେଶ ମହାପାତ୍ର ଉକ୍ତ ଟିମ୍‌ରେ ମୋହର ମାରିଛନ୍ତି। ଏହି ଟିମ୍‌ରେ ୫ ଉପ-ସଭାପତି, ୨ ସାଧାରଣ ସମ୍ପାଦକ, ୮ ସମ୍ପାଦକ ଓ ଜଣେ କୋଷାଧ୍ୟକ୍ଷ ରହିଛନ୍ତି। ସେହିପରି ଉକ୍ତ କମିଟିରେ ୧୭ କାର୍ଯ୍ୟକାରିଣୀ ସଦସ୍ୟ, ୫ ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଓ ୨୧ ସଂଯୋଜକ ଅଛନ୍ତି।

ଉପସଭାପତି ଭାବେ ଅନନ୍ତ ମହାପାତ୍ର, ସୁବୋଧ ଚନ୍ଦ୍ର ପଣ୍ଡା, ରୁଦ୍ରଶ୍ରୀ ସଞ୍ଜିବ ରାଉଳ, ସୂର୍ଯ୍ୟକାନ୍ତ ବିଶ୍ୱାଳ ଓ ରାଜେନ ପରିଡ଼ା ମନୋନୀତ ହୋଇଥିବା ବେଳେ ସାଧାରଣ ସମ୍ପାଦକ ଭାବେ ସ୍ୱାଧୀନ ପଣ୍ଡା ଓ ଖଗେନ୍ଦ୍ର ନାୟକ, ସମ୍ପାଦକ ଭାବେ ବିକ୍ରମ ପାତ୍ର, ଅକ୍ଷୟ ବିଶ୍ୱାଳ, ବିକାଶ ଚାନ୍ଦ, ରାମକୃଷ୍ଣ ସାହୁ, ନାରାୟଣ ମହନ୍ତ, ଅରୂପ ଜେନା, ଦେବାଶିଷ ଆଚାର୍ଯ୍ୟ ଓ ଶିବଶଙ୍କର ରାୟ, କୋଷାଧ୍ୟକ୍ଷ ଭାବେ ସୁରଝଙ୍କାର ସେଠୀ, କାର୍ଯ୍ୟକାରିଣୀ ସଦସ୍ୟ ସର୍ବେଶ୍ୱର ବେହେରା, ସୌମ୍ୟଜିତ ଦାସମହାପାତ୍ର, ଜୟନ୍ତ ଶତପଥୀ, ତପନ ଦାସ, ଚନ୍ଦନ ଭୋଳ, ଦେବାନନ୍ଦ ପିଲା, ତନ୍ମୟ ଚାନ୍ଦ, ମନମୋହନ ଆଚାର୍ଯ୍ୟ, ବିନୋଦ ମହାନ୍ତି, ରତନ ଜେନା, ନିର୍ମଳ ଦାସ, ରଞ୍ଜନ ରାଉତ, ଦୀପକ ବେହେରା, ଚିନ୍ମୟ ରଥ, ରଞ୍ଜିତ ପୁଷ୍ଟି, ସଞ୍ଜୟ ମଣ୍ଡଳ ଓ ପବନ କମିଳା ରହିଛନ୍ତି।

# କକା ଖୁଡୀଙ୍କ କାନ୍ଧରେ ୪ ଅନାଥଙ୍କ ବୋଝ

**ଚମ୍ପୁଆ/ଯୋଡ଼ା, ୨୭।୭(ଡି.ଏନ.ଏ)**

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ ତଥା ଚମ୍ପୁଆ ଥାନା ଅଧୀନ ଶଙ୍କରପୁର ଗ୍ରାମରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ବାପା ମରିଗଲା ପରେ ମା' ୪ଛୁଆଙ୍କୁ ଛାଡି କୁଆଡେ ପଳାଇଲେ। ଅନାଥ ହୋଇଗଲେ ୪ କୋମଳମତି ଶିଶୁ। ଶେଷରେ ନିଜ ଭାଇର ରକ୍ତ ସମ୍ପର୍କର ଦୁଃଖକୁ ସହି ନ ପାରି କକା ଖୁଡୀ କୋଳେଇ ନେଲେ ଏହି ଶିଶୁମାନଙ୍କୁ।

ମିଳିଥିବା ଖବର ଅନୁଯାୟୀ ପିତା ଉମ୍ବରୁଧର ମୁଣ୍ଡା ୨୦୧୯ ମସିହାରେ କୌଣସି ଏକ ଅଜଣା ରୋଗରେ ମୃତ୍ୟୁବରଣ କରିବା ପରେ ମାଁ ମୁହଁ ଚାହିଁ ୪ଛୁଆ ଜୀବନ କାଟିବାର ସ୍ୱପ୍ନ ଦେଖୁଥିବା ବେଳେ ଠିକ ୨ବର୍ଷ ପରେ ୨ପୁଅ ଓ ୨ଝିଅଙ୍କୁ ଛାଡି ମା' କୁଆଡେ ପଳାଇଗଲେ। ଫଳରେ ଅନାଥ ହୋଇଗଲେ ୧୧ ବର୍ଷର ପ୍ରୀତିମୟୀ ମୁଣ୍ଡା, ୯ ବର୍ଷର ଲକ୍ଷ୍ମୀ, ୩ ବର୍ଷର ଆନନ୍ଦ ଓ ୨ ବର୍ଷର ଯଶୋବନ୍ତ। କକା ସରୋଜ କୁମାର ମୁଣ୍ଡା ଓ ଖୁଡ଼ୀ ସୀତା ମୁଣ୍ଡା ଏହି ୪ ଛୁଆଙ୍କୁ କୋଳେଇ ନେଇଥିଲେ। ଅଳ୍ପ ଜମିରେ ଚାଷବାସ କରି ପେଟ ପୋଷୁଥିବା ଏହି ପରିବାର ଦୁଃଖ କଷ୍ଟରେ ଦିନ କାଟୁଥିବା ବେଳେ ଯେନତେନ ପ୍ରକାରଣ ଏହି ୪ ଛୁଆଙ୍କର ଲାଳନ ପାଳନ କରୁଥିବା ଦେଖିବାକୁ ମିଳିଛି। କିନ୍ତୁ ସମୟ ସହ ପିଲାମାନଙ୍କର ବୟସ ମଧ୍ୟ ବଢୁଛି। ଆର୍ଥିକ ଅବସ୍ଥା ଭଲ ନ ଥିବାରୁ ପିଲାମାନଙ୍କ ଲାଳନ ପାଳନ ବୋଝ ଉପରେ ନଳିତାବିଡ଼ା ସଦୃଶ ହେଉଥିବା ସରୋଜ ସୂଚନା ଦେଇଛନ୍ତି। ବାପାମା' ମରିଗଲା ପରେ ୨ ଛୁଆଙ୍କ ନାମ ରାଶନ କାର୍ଡରେ ଥିବାରୁ ମିଳୁଥିବା ଚାଉଳରେ ପେଟକୁ ଦିମୁଠା ଦାନା ଯୋଗାଡ କରିହେଉଛି ସତ ହେଲେ ଏ ପିଲାଙ୍କ ଭବିଷ୍ୟତ ନେଇ ସରୋଜ ଏବେ ସନ୍ଦିହାନ ହୋଇ ପଡିଛନ୍ତି। ଏ ନେଇ ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ପଦ୍ମନାଭ ବେହେରା କହିଛନ୍ତି, ସରକାରଙ୍କ ନିୟମ ଅନୁଯାୟୀ ଉକ୍ତ ଅନାଥଙ୍କୁ ସହାୟତା ପ୍ରଦାନ ପାଇଁ ପ୍ରାଥମିକତା ଦିଆଯିବା ସହ ସେମାନଙ୍କୁ ସାମାଜିକ ସ୍ରୋତରେ ସାମିଲ କରିବାକୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।



୪ ଅନାଥ ଶିଶୁଙ୍କ ସହ କକା ଖୁଡ଼ୀ।

